# ଯୁବକଙ୍କଠାରୁ ୪.୭ ଲକ୍ଷ ନେଇଗଲା ସାଇବର ଠକ

**ବ୍ରହ୍ମପୁର,୨୨।୪(ସମିସ)**

ଗୁଗଲ ମ୍ୟାପରେ ପାର୍ଟ ଟାଇମ ଚାକିରି ଦେବା ନାଁରେ ବ୍ରହ୍ମପୁରର ଜଣେ ଯୁବକଙ୍କଠାରୁ ୪ଲକ୍ଷ ୭୦ହଜାର ୪୧୬ଟଙ୍କା ଠକେଇ ହୋଇଥିବା ନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ସହରର ଖାରବେଳନଗର ଅଞ୍ଚଳରେ ରହୁଥିବା ଆଶିଷା କୁମାର ପ୍ରଧାନ ନାମକ ଜଣେ ଯୁବକଙ୍କ ୱାଟସଆପ ନମ୍ବରକୁ କିଛି ଦିନ ପୂର୍ବେ ରାଧିକା ଶର୍ମା ନାମକ ଜଣେ ଯୁବତୀ ଏକ ମେସେଜ ପଠାଇଥିଲେ। ଯୁବତୀ ଜଣଙ୍କ ନିଜକୁ ଗୁଗଲ ମ୍ୟାପର କର୍ମଚାରୀ ବୋଲି କହିବା ସହ ପାର୍ଟ ଟାଇମ ଚାକିରି କରି ଦିନକୁ ୨୦୦ ରୁ ୮୫୦୦ ଟଙ୍କା ଯାଏଁ ରୋଜଗାର କରିପାରିବେ ବୋଲି ଲୋଭ ଦେଖାଇଥିଲା। ଏହିକ୍ରମରେ ଉକ୍ତ ଯୁବକ ଜଣଙ୍କ ଏକ ଟେଲିଗ୍ରାମ ଚ୍ୟାନେଲରେ ଯୋଡି ହୋଇଥିଲେ। ସେହି ଟେଲିଗ୍ରାମ ଚ୍ୟାନେଲରୁ ମିଳିଥିବା ନିର୍ଦ୍ଦେଶ ଓ କାମ ଶେଷ କରିବା ପରେ ଯୁବକଙ୍କ ଆକାଉଣ୍ଟକୁ ୨୦୦ ଟଙ୍କା ଆସିଥିଲା। ଏହାପରେ ଯୁବକଙ୍କୁ ୨ୟ କାମ ଦିଆଯିବା ସହ ୧୦୦୦ ଟଙ୍କା ଜମା କଲେ ୧୫୦୦ ଟଙ୍କା ମିଳିବ ବୋଲି କୁହାଯାଇଥିଲା। ଯୁବକ ଜଣଙ୍କ ୧୦୦୦ ଟଙ୍କା ଜମା କରି ୨ୟ କାମ ଶେଷ କରିବା ପରେ ତାଙ୍କ ଆକାଉଣ୍ଟକୁ ୧୫୦୦ ଟଙ୍କା ଆସିଥିଲା।



ଏହାପରେ ତାଙ୍କୁ ୩ୟ କାମ ଦିଆଯିବା ସହ ୩୦୦୦ ଟଙ୍କା ଜମା କରିବା ପରେ ୪୩୦୦ ଟଙ୍କା ମିଳିଥିଲା। ୪ର୍ଥ କାମ ପାଇଁ ତାଙ୍କୁ ୧୫୦୦୦ ଟଙ୍କା ଜମା କରିବାକୁ କୁହାଯାଇଥିଲା। ଏହି କାମ କରିବା ପରେ ୧୯୫୦୦ଟଙ୍କା ମିଳିଯିବ ବୋଲି କୁହାଯାଇଥିଲା। ଯୁବକ ଜଣଙ୍କ ୧୫୦୦୦ ଟଙ୍କା ଜମା କରି ୪ର୍ଥ କାମ ଶେଷ କରିଥିଲେ। ହେଲେ ଏଥର ତାଙ୍କ ଆକାଉଣ୍ଟକୁ ଟଙ୍କା ଆସିନଥିଲା। ଏନେଇ ସେ ସଂପୃକ୍ତ ଟେଲିଗ୍ରାମ ଚ୍ୟାନେଲରେ ଯୋଗାଯୋଗ କରିଥିଲେ। ହେଲେ ତାଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଯାଇଥିବାରୁ ଟଙ୍କା ଯାଇ ପାରୁନାହିଁ ବୋଲି କୁହାଯାଇଥିଲା। ଆକାଉଣ୍ଟ ଅନ୍ ଫ୍ରିଜ୍ କରିବାକୁ ଅଧିକ ଟଙ୍କା ଜମା କରିବାକୁ କୁହାଯାଇଥିଲା। ସେହିକ୍ରମରେ ଯୁବକ ଜଣଙ୍କ ବିଭିନନ ପର୍ଯ୍ୟାୟରେ ଅନଲାଇନ ଜରିଆରେ ମୋଟ ୨ଲକ୍ଷ ୮୯ହଜାର ଟଙ୍କା ଜମା କରିଥିଲେ। ଏହାପରେ ମଧ୍ୟ ତାଙ୍କ ଆକାଉଣ୍ଟ ଖୋଲିନଥିଲା କିମ୍ବା ଟଙ୍କା ମିଳିନଥିଲା। ଏହାପରେ ତାଙ୍କୁ କଏନ ଡିସିଏକ୍ସ କଷ୍ଟମର ସେବାରେ ଯୋଗାଯୋଗ କରିବାକୁ କୁହାଯାଇଥିଲା। ସେଠାରେ ଯୋଗାଯୋଗ ପରେ ଯୁବକଙ୍କୁ ମାତ୍ର ୩୮୦୦ ଟଙ୍କା ମିଳିଥିଲା। ଏହାପରେ ତାଙ୍କୁ ୨ ଲକ୍ଷ ୮୫ ହଜାର ଜମା କଲେ ହିଁ ୫ ଲକ୍ଷ ୭୦ ହଜାର ମିଳିବ ବୋଲି କୁହାଯାଇଥିଲା। ନିଜ ଟଙ୍କା ଫେରି ପାଇବା ଆଶାରେ ଯୁବକ ଜଣଙ୍କ ପୁଣି ୨ଲକ୍ଷ ୮୫ ହଜାର ଟଙ୍କା ଅନଲାଇନରେ ଟ୍ରାନ୍ସଫର କରିଥିଲେ। ହେଲେ ତାଙ୍କ କ୍ରେଡିଟ ସ୍କୋର କମ ଥିବାରୁ ପୁଣି ୫ଲକ୍ଷ ଟଙ୍କା ଜମା କଲେ ହିଁ ସେ ନିଜର ସମସ୍ତ ଟଙ୍କା ଫେରି ପାଇବେ ବୋଲି କୁହାଯାଇଥିଲା। ଯାହାକୁ ନେଇ ଉକ୍ତ ଯୁବକଙ୍କ ସନ୍ଦେହ ଉପୁଜିଥିଲା। ସେହିକ୍ରମରେ ଯୁବକ ଜଣଙ୍କ ୪ ଲକ୍ଷ ୭୦ ହଜାର ୪୬୦ ଟଙ୍କା ସାଇବର ଠକେଇର ଶିକାର ହୋଇଥିବା ଜାଣିପାରି ଗତ ୨୧ ତାରିଖ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଥିଲେ।

## ■ ସ୍କୁଟି ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ ଘଟଣା
# ସ୍କୁଟି ଚାଳକ ଗିରଫ

**ବ୍ରହ୍ମପୁର,୨୨।୪(ସମିସ):** ବାଲିପଡ଼ା ଛକ ନିକଟରେ ଏକ ସ୍କୁଟି ଧକ୍କାରେ ଗୁରୁତର ଆହତ ହୋଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ମୃତ ବୃଦ୍ଧା ଜଣକ ହେଲେ କୁମାରୀ ବିଷୋୟୀ(୫୧)। ଏନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଶ୍ରୀରାମ ନଗରର ରୋହିତ କୁମାର ସାହୁ(୨୧) । ସୂଚନାଯୋଗ୍ୟ ଯେ, ଗତ୧୧ତାରିଖରେ ବାଲିପଡ଼ା ଗ୍ରାମ ନିବାସୀ କୁମାରୀ ବିଷୋୟୀ ନିଜ କାମ ସାରି ରାତି ସାଢ଼େ ୮ଟାରେ ଘରକୁ ଫେରୁଥିବା ବେଳେ ବାଲିପଡ଼ା ଛକ ନିକଟରେ ଗୋଟିଏ ସ୍କୁଟି ତାଙ୍କୁ ଧକ୍କା ଦେଇଥିଲା । ଯାହା ଫଳରେ କୁମାରୀ ଛିଟିକି ହୋଇ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉତ୍ତମ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ମେଡ଼ିକାଲକୁ ରେଫର କରାଗଲା। ଗତ ୧୪ ତାରିଖରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଗତ ୨୧ତାରିଖରେ ଘଟଣାକୁ ନେଇ ମୃତ କୁମାରୀଙ୍କ ପୁଅ ଶିବ ବିଷୋୟୀ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ୫ ନମ୍ବର ୱାର୍ଡରେ ପାନୀୟ ଜଳ ସମସ୍ୟା

**ଗଞ୍ଜାମ,୨୨।୪(ସମିସ):** ସମ୍ପ୍ରତି ପ୍ରବଳ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଥିବା ବେଳେ ଗଞ୍ଜାମ ସହର ୫ ନମ୍ବର ୱାର୍ଡରେ ରବିବାର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ଯୋଗାଣ ହୋଇନଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ୱାର୍ଡବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳବାସୀ ବଜାରରୁ ପାନୀୟ ଜଳ କ୍ରୟ କରି ବ୍ୟବହାର କରିଥିବା ଦେଖିବାକୁ ମିଳିଛି। ଏନେଇ ଜନ ସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରେ ସେ ଫୋନ ଉଠାଇ ନଥିଲେ। ଫଳରେ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

# ସବ୍ ଆସିଷ୍ଟାଣ୍ଟ ଜେଲରଙ୍କ ଘରୁ ଚୋରି

**ବ୍ରହ୍ମପୁର,୨୨।୪(ସମିସ):** ସହରରେ ନିୟମିତ ବଢିବାରେ ଲାଗିଛି ଚୋରି ଭଳି ଘଟଣା। ସବୁଠାରୁ ବଡକଥା ହେଲା ଖୋଦ୍ ପୁଲିସ ବାବୁଙ୍କ ଘର ମଧ୍ୟ ଏଭଳି ଚୋରୀ ଘଟଣାରୁ ବାଦ ପଡିନି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ବାଇପାସ ସ୍ଥିତ ଗୌରୀବିହାର ତୃତୀୟ ଲାଇନ ନିବାସୀ ତଥା ବାରିପଦା ସର୍କଲ ଜେଲର ସବ ଆସିଷ୍ଟାଣ୍ଟ ଜେଲର ଶ୍ରୀନିବାସ ପାଣିଗ୍ରାହୀଙ୍କ ଘରୁ ଚୋରି ହୋଇଥିବା ଜଣାପଡିଛି। ଏନେଇ ତାଙ୍କ ସାନ ଭାଇ ଅଲେଖ ଚନ୍ଦ୍ର ପାଣିଗ୍ରାହୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଶ୍ରୀନିବାସ ପାଣିଗ୍ରାହୀ ବାରିପଦା ସର୍କଲ ଜେଲର ସବ ଆସିଷ୍ଟାଣ୍ଟ ଜେଲର ଭାବେ କାର୍ଯ୍ୟରତ। ତେଣୁ ତାଙ୍କର ବ୍ରହ୍ମପୁର ଲାଞ୍ଜିପଲ୍ଲୀ ବାଇପାସ ସ୍ଥିତ ଗୌରୀ ବିହାର ସ୍ଥିତ ଘରେ ତାଲା ପଡ଼ିଥିଲା। ତାଲା ପଡ଼ିଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଯୋଜନାବଦ୍ଧ ଭାବେ ଶ୍ରୀନିବାସଙ୍କ ଘରକୁ ଟାର୍ଗେଟ କରି ଚୋରି କରିବାରେ ସଫଳ ହୋଇଛନ୍ତି। ସ୍ଥାନୀୟ ଲୋକେ ଉକ୍ତ ଘରର ତାଲା ଭଙ୍ଗା ହୋଇଥିବା ଖବର ଶ୍ରୀନିବାସଙ୍କୁ ଜଣାଇବା ପରେ ତାଙ୍କ ସାନଭାଇ ଅଲେଖ ପାଣିଗ୍ରାହୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଯାଞ୍ଚ ବେଳେ ଘରେ ଥିବା ଆଲମାରୀରୁ ସୁନା ଓ ରୂପା ଅଳଙ୍କାର ସହିତ ନଗଦ ୧୦ହଜାର ଟଙ୍କା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଚୋରି ହୋଇଥିବା ଜଣାପଡିଥିଲା। ପରେ ଘଟଣାକୁ ନେଇ ଅଲେଖ ପାଣିଗ୍ରାହୀ ଗତ ୨୧ତାରିଖରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଆଖପାଖରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଛି। ଏହାସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ପୁଲିସ ଘଟଣାର ଛାନଭିନ କରୁଛି। ଗୃହକର୍ତ୍ତାଙ୍କ ଅନୁପସ୍ଥିତି ଯୋଗୁଁ ପ୍ରକୃତ ଚୋରୀର ପରିମାଣ ସ୍ପଷ୍ଟ ହୋଇପାରିନାହିଁ। ଲୋକଙ୍କୁ ସୁରକ୍ଷା ଦେଇଆସୁଥିବା ପୁଲିସ କର୍ମଚାରୀଙ୍କ ଘରୁ ଯଦି ଦୁର୍ବୃତ୍ତମାନେ ଚୋରି କରିବାରେ ସଫଳ ହେଉଛନ୍ତି ତେବେ ସାଧାରଣ ଜନତା କିଭଳି ନିଜକୁ ସୁରକ୍ଷିତ ମନେ କରିବେ ବୋଲି ପ୍ରଶ୍ନ ଉଠିଛି। ଏବଂ ଉଭୟ ଦିନ ଓ ରାତି ସମୟରେ ପେଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

**ଗହଣା ସହ ନଗଦ ୧୦ ହଜାର ଟଙ୍କା ଲୁଟ୍**

## ମହିଳାଙ୍କୁ ହତ୍ୟା ଧମକ ଘଟଣା
# ଦୋଷୀ ସାବ୍ୟସ୍ତ ହେଲେ ତିନି ଅଭିଯୁକ୍ତ

**ଛତ୍ରପୁର,୨୨।୪(ସମିସ):** ଚମାଖଣ୍ଡି ଥାନା ଅନ୍ତର୍ଗତ ହରିପୁରରେ ତିନିଜଣ ମହିଳାଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିବାକୁ ଧମକ ଦେବା ମାମଲାର ଶୁଣାଣି କରି ସୋମବାର ଛତ୍ରପୁର ଏସଡିଜେଏମ ପ୍ରୀତିଶ କୁମାର ରଥ ଗୋଟିଏ ପରିବାରର ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ହରିପୁର ଗ୍ରାମର ତାରିଣୀ ବେହେରା ଓ ତାଙ୍କ ଦୁଇପୁଅ ହେମନ୍ତ କୁମାର ବେହେରା ଓ ପବିତ୍ର ବେହେରା। ସମସ୍ତ ୩ ଜଣ ଅଭିଯୁକ୍ତଙ୍କୁ ଭାରତୀୟ ପିଙ୍ଗଳ କୋଡର ଧାରା ୫୦୬ରେ ଦୋଷୀ ସାବ୍ୟସ୍ତ କରିଛନ୍ତି ଓ ପ୍ରୋବେଶନ ଅଫ ଅଫେଣ୍ଡର୍ସ ଆକ୍ଟର ଧାରା ୪ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପୂର୍ବକ କଠୋର ଚେତାବନୀ ଦେବା ସହ ବ୍ୟକ୍ତିଗତ ୧୦ ହଜାର ଟଙ୍କା ବଣ୍ଡରେ ଛାଡ଼ିଛନ୍ତି। ଉକ୍ତ ଧାରା ୪ ଅନୁସାରେ ବର୍ତ୍ତମାନ ସେମାନେ ଜିଲ୍ଲା ପ୍ରୋବେଶନର ଅଧିକାରୀଙ୍କ ନଜରରେ ଏକ ବର୍ଷ ପର୍ଯ୍ୟନ୍ତ ନଜରବନ୍ଦୀ ରହିବେ ଓ ଏହି ଅଧିକାରୀ ସେମାନଙ୍କ କାର୍ଯ୍ୟକଳାପକୁ ତୀକ୍ଷ୍ଣ ନଜର ରଖିବା ସହ ରିପୋର୍ଟ ପ୍ରଦାନ କରିବେ। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ରାଜେଶ କୁମାର ମିଶ୍ର ଏହି ମାମଲାକୁ ପରିଚାଳନା କରୁଥିଲେ।

ସୂଚନାଯୋଗ୍ୟ ଯେ, ୨୦୨୧ ମସିହା ଡିସେମ୍ବର ୫ ତାରିଖ ଦିନ ୨ଟା ସମୟରେ ଅଭିଯୋଗକାରିଣୀ ଅଞ୍ଜନା ବେହେରା ଅନ୍ୟ ଦୁଇଜଣ ମହିଳାଙ୍କ ସହ ନିଜ ଘର ସମ୍ମୁଖରେ ବସି କଥା ହେଉଥିବା ବେଳେ ମୁଖ୍ୟ ଅଭିଯୁକ୍ତ ତାରିଣୀ ବେହେରା ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ତାରିଣୀ ଓ ତାଙ୍କ ଦୁଇ ପୁଅ ପବିତ୍ର ବେହେରା ଓ ହେମନ୍ତ ବେହେରା କାତି ଓ କୁରାଢ଼ୀ ଭଳି ମାରଣାସ୍ତ୍ରରେ ଅଞ୍ଜନାଙ୍କୁ ଜୀବନରେ ମାରି ସମୁଦ୍ରରେ ପକାଇଦେବା ନେଇ ଧମକ ଦେଇଥିଲେ। ଏହି ସମୟରେ ଅଭିଯୋଗକାରିଣୀ ଓ ଅନ୍ୟ ମହିଳାମାନେ ପାଟି କରିବାରୁ ସେଠାକୁ ଗାଁଲୋକ ଆସିବା ଦେଖି ଅଭିଯୁକ୍ତମାନେ ସେଠାରୁ ପଳାଇଥିଲେ। ପରେ ନିଜ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ଘଟଣାକୁ ନେଇ ଅଭିଯୋଗକାରିଣୀ ଶ୍ରୀମତୀ ଅଞ୍ଜନା ବେହେରା ଚମାଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ମାମଲାଟି ଛତ୍ରପୁର ଏସଡିଜେଏମ୍ କୋର୍ଟରେ ବିଚାରାଧୀନ ରହିଥିଲା। ସବ ଇନ୍ସପେକ୍ଟର ମାନସୀ ସାହୁ ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ। ମାମଲାର ବିଚାରଣା ସମୟରେ ନିଆଯାଇଥିବା ୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ସୋମବାର ମାନ୍ୟବର ନ୍ୟାୟାଧୀଶ ଅଭିଯୁକ୍ତମାନଙ୍କୁ ଉକ୍ତ ଘଟଣାରେ ଦୋଷୀ ସାବ୍ୟସ୍ତ କରିବା ସହ ଏଭଳି କାର୍ଯ୍ୟରୁ ଭବିଷ୍ୟତରେ ବିରତ ରହିବାକୁ ଚେତାଇ ଦେବା ସହ ବର୍ଷେ ପର୍ଯ୍ୟନ୍ତ ପ୍ରୋବେଶନ ଅଫିସରଙ୍କ ନଜରାଧୀନ ରହିବେ ବୋଲି ରାୟ ଦେଇଥିଲେ।

# ବିଜେଡିର ଜୋନ୍‌ସ୍ତରୀୟ ସାଂଗଠନିକ ବୈଠକ



**ବୁଗୁଡ଼ା,୨୨।୪(ସମିସ):** ବୁଗୁଡ଼ା ବ୍ଲକର ମାଣିତରା ଗ୍ରାମରେ ବିଜୁ ଜନତା ଦଳ ପକ୍ଷରୁ ଏକ ଜିଲ୍ଲା ପରିଷଦ ଜୋନ୍‌ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଆସିକା ଲୋକସଭା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ, ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନାଙ୍କ ସମେତ ଜିଲ୍ଲା ପରିଷଦ ଜୋନ୍ ନଂ-୪୨ ଅନ୍ତର୍ଗତ ମୋଟାବାଡି, ଗୌଡିଆବୋରଦା, ଖୋଳଖାଳି, ମାଣିତରା, ଗୋଳାବନ୍ଧ, ସଙ୍କୁରୁ ଆଦି ୬ଟି ପଞ୍ଚାୟତର ଦଳୀୟ ଜନପ୍ରତିନିଧି, କର୍ମକର୍ତ୍ତା ଓ କର୍ମୀଗଣ ଯୋଗଦେଇଥିଲେ। ଆସିକା ଲୋକସଭା ଏବଂ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପଞ୍ଚମ ପର୍ଯ୍ୟାୟରେ ଆସନ୍ତା ମେ ୨୦ ତାରିଖ ଦିନ ଭୋଟ ଗ୍ରହଣ ହେବାକୁ ଥିବାବେଳେ ବେଳେ ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଏବଂ ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ନିମନ୍ତେ ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ଆହୁରି ମଜଭୁତ୍ କରିବାକୁ ପଡ଼ିବ ବୋଲି ଆହ୍ୱାନ ଦିଆଯାଇଥିଲା।



ବ୍ରହ୍ମପୁର କୋର୍ଟ ପରିସରରେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର

# କେରଳରେ ଚିକିତ୍ସାଧୀନ ଅବସ୍ଥାରେ ଶ୍ରମିକର ମୃତ୍ୟୁ

**ଭଞ୍ଜନଗର, ୨୨।୪ (ସମିସ):** ସରୁନି ଦାଦନ ଦୁଃଖ, ପିଛା ଛାଡୁନି ଯନ୍ତ୍ରଣା। ରୋଜଗାରର ପନ୍ଥା ନପାଇ ପେଟପାଟଣା ପାଇଁ ଭିଟାମାଟି ଛାଡି ରାଜ୍ୟ ବାହାରକୁ କିଛି ଟଙ୍କା ପାଇବା ଆଶାରେ କାମ କରିବାକୁ ଯାଇଥିବା ବେଳେ ଟଙ୍କା ବଦଳରେ ଘରକୁ ଆସୁଛି ମୃତଦେହ। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ରହିଥିବାରୁ ରୋଜଗାର ଆଶାରେ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଇଥିଲେ। କାମ କରି ଟଙ୍କା ପଠାଇବେ ବୋଲି ପରିବାର ଲୋକ ଆଶା କରିଥିବା ବେଳେ ମୃତ୍ୟୁ ଖବର ପହଞ୍ଚିଛି। ଏଭଳି ଏକ ଦୁଖଦ ଘଟଣା ଦେଖିବାକୁ ମିଳିଛି ଭଞ୍ଜନଗର ବ୍ଲକ ଡୁମାକୁମ୍ପା ପଞ୍ଚାୟତ ଖମାରେଡି ଗ୍ରାମର ନରସିଂହ ସ୍ୱାଇଁ (୪୫)ଙ୍କ କ୍ଷେତ୍ରରେ। ସେ କିଛି ଦିନ ତଳେ ଘରକୁ ଆସି ପୁଣି କେରଳ ଫେରିଥିବା ବେଳେ ଆଜି ତାଙ୍କର ମୃତ୍ୟୁ ଘଟିଛି। ଗତକାଲି ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇଥିବା ବେଳେ ଆଜି ଭୋର ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଦୀର୍ଘ ଦିନ ଧରି ସେଠାରେ କାମ କରୁଥିବା ବେଳେ ଗତ ମାସେ ହେଲା ଗ୍ରାମକୁ ଆସିବା ସହ ଗତ ୧୨ ଦିନ ପୂର୍ବରୁ ପୁଣି କେରଳ ଫେରିଥିଲେ। କେରଳର ଏରେନାକୂଲମ ନିକଟରେ ରହି ଶ୍ରମିକ ଭାବେ ସେ କାର୍ଯ୍ୟ କରୁଥିବା ପରିବାର ଲୋକ ପ୍ରକାଶ କରିଛନ୍ତି। ତାଙ୍କର ଅକାଳ ବିୟୋଗରେ ପରିବାର ଲୋକ ଭାଙ୍ଗି ପଡିଥିବା ବେଳେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ମୃତ ଶରୀର ଗାଁକୁ ଆଣିବାକୁ ସକ୍ଷମ ନଥିବା ପ୍ରକାଶ କରିଛନ୍ତି।

# କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷାଙ୍କ ଇସ୍ତଫା



**କବିସୂର୍ଯ୍ୟନଗର,୨୨।୪(ସମିସ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସୋମବାର ସେ ବିଡିଓ ସାଗରୀକା ଷଡଙ୍ଗୀଙ୍କ ଜରିଆରେ ନିଜର ଇସ୍ତଫା ପତ୍ର ଜିଲ୍ଲପାଳକୁ ଦେଇଥିବା ଜଣାପଡିଛି। ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି। ସେ ୨୦୨୨ମସିହା ପଞ୍ଚାୟତ ନିର୍ବାଚନରେ କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ନନ୍ଦିଆଗଡା ପଂଚାୟତରେ ନିର୍ଦ୍ୱନ୍ଦ୍ୱରେ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ପରେ ପୁଣି ନିର୍ଦ୍ୱନ୍ଦ୍ୱରେ କବିସୂର୍ଯ୍ୟନଗର ବ୍ଲକର ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇ ୨୦୨୨-୨୦୨୪ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇ ଆସୁଥିଲେ। ଜ୍ୟୋତିର୍ମୟୀଙ୍କ ଇସ୍ତଫା ପରେ କବିସୂର୍ଯ୍ୟନଗର ବ୍ଲକର ପରବର୍ତ୍ତି ଅଧ୍ୟକ୍ଷ କିଏ ହେବ ତାକୁ ନେଇ ଆରମ୍ଭ ହୋଇଯାଇଛି ରାଜନୈତିକ ଗଣିତ।

# ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ପଦରୁ ଦୈତାରୀ ବେହେରାଙ୍କ ଇସ୍ତଫା



**ଖଲ୍ଲିକୋଟ, ୨୨।୪ (ସମିସ):** ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ବିଧାୟିକାଙ୍କ ସ୍ୱାମୀ ଦୈତାରି ବେହେରା। ବ୍ୟକ୍ତିଗତ କାରଣରୁ ସେ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଉଥିବା ନିଜ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। ସ୍ତ୍ରୀ ସୂର୍ଯ୍ୟମଣି ବୈଦ୍ୟଙ୍କୁ ବିଜେଡି ବିଧାୟିକା ପ୍ରାର୍ଥୀ ଭାବେ ଟିକେଟ ଦେବା ପରେ ଅଧ୍ୟକ୍ଷ ପଦରୁ ସେ ସୋମବାର ଇସ୍ତଫା ଦେଇଛନ୍ତି । ସେ ତାଙ୍କ ଇସ୍ତଫା ପତ୍ର ଖଲ୍ଲିକୋଟ ବିଡ଼ିଓଙ୍କୁ ପଠାଇଛନ୍ତି। ଦୈତାରୀ ଖଲ୍ଲିକୋଟ ବ୍ଲକର ଦାନପୁର ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ସ୍ତ୍ରୀ ସୂର୍ଯ୍ୟମଣୀ ବୈଦ୍ୟ ବିଧାୟିକା ଥିବା ବେଳେ ସେ ବ୍ଲକ ଅଧ୍ୟକ୍ଷ ପଦରେ ରହିଥିବାରୁ ତାଙ୍କ ବିରୋଧରେ ଦଳ ଭିତରେ ପ୍ରବଳ ଅସନ୍ତୋଷ ଲାଗି ରହିଥିଲା। ତାଙ୍କ ପ୍ରତିକ୍ରିୟାରେ ଶ୍ରୀ ବେହେରା କହିଛନ୍ତି, ଅଧ୍ୟକ୍ଷ ପଦରେ ରହିଥିବାରୁ ଦଳ ପାଇଁ ସେ ସମୟ ଦେଇ ପାରୁ ନ ଥିଲେ। ବର୍ତ୍ତମାନ ଦଳୀୟ ସଂଗଠନ ପାଇଁ କାମ କରିବାକୁ ସମୟ ଦେବେ।

## ପୁସ୍ତକ ଲୋକାର୍ପଣ ଉତ୍ସବ
# 'ବନ୍ଦ୍ ଘର୍ କୀ ସୁଗନ୍ଧ୍' ଓ 'ପ୍ରଶ୍ନବାଚକ' ପୁସ୍ତକ ଉନ୍ମୋଚିତ

**ବ୍ରହ୍ମପୁର,୨୨।୪(ସମିସ):** ଯଶସ୍ୱୀ କବି ବିପିନ ନାୟକଙ୍କ ରଚିତ କବିତା ସଂକଳନ 'ବନ୍ଦ ଘରର ବାସ୍ନା'ର ହିନ୍ଦୀ ଅନୁବାଦ 'ବନ୍ଦ୍ ଘର୍ କୀ ସୁଗନ୍ଧ୍' ଓ ସଂଭାବନାଦୀପ୍ତ କବି ଓ କଥାକାର କେ. ଶ୍ୟାମବାବୁ ଦୋରାଙ୍କ ରଚିତ ଗଳ୍ପ ପୁସ୍ତକ 'ପ୍ରଶ୍ନବାଚକ'ର ରବିବାର ପୂର୍ବାହ୍ନରେ ଲୋକାର୍ପିତ ହୋଇଯାଇଛି। କବି-ସମାଲୋଚକ ଡ. କୁଳମଣି ଓଝାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ବିପିନ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଯେ କୌଣସି ଭାଷା ସର୍ଜିତ ସୃଷ୍ଟିର ଅନୁବାଦ ଆକ୍ଷରିକ ନୁହେଁ, ବରଂ ଭାବାନୁବାଦ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଉତ୍ସବରେ ନାଟ୍ୟକାର ଇଂ ଯାମିନୀକାନ୍ତ ଦାସ ଓ କବୟିତ୍ରୀ ପ୍ରଫେସର ଉତ୍ତମା ଜେନା ସମ୍ମାନିତ ଅତିଥି ରୂପେ ଯୋଗଦେଇ ସମକାଳ ସାହିତ୍ୟର ସ୍ୱର ଓ ସ୍ୱାକ୍ଷର, ଗପ ଓ କବିତାର ଭାଷିକ ପ୍ରକରଣ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସାଂସ୍କୃତିକ ସଂଗଠକ ତଥା ବେଳାବାଲି ପ୍ରକାଶନୀର ସ୍ୱତ୍ତ୍ୱାଧିକାରୀ ସୁଶାନ୍ତ କୁମାର କର ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ପ୍ରଥମେ କବି ଓ କଥାକାର କେ. ଶ୍ୟାମବାବୁ ଦୋରା ଲୋକାର୍ପିତ ହେବାକୁ ଥିବା ଦୁଇ ପୁସ୍ତକର ସଂକ୍ଷିପ୍ତ ପ୍ରାଗ୍-ଭାଷ ପ୍ରଦାନ କରିଥିଲେ। ଆମନ୍ତ୍ରିତ ଅତିଥିଗଣଙ୍କ କରକମଳରେ କବି ବିପିନ ନାୟକଙ୍କ ରଚିତ, ଖ୍ୟାତିପ୍ରାପ୍ତ ଅନୁବାଦିକା ରଶ୍ମି ଧାବନଙ୍କ ଦ୍ୱାରା ଅନୁଦିତ ଓ କେ. ଜୟଶ୍ରୀ ଦୋରାଙ୍କ ସଂପାଦିତ କବିତା ପୁସ୍ତକ 'ବନ୍ଦ୍ ଘର୍ କୀ ସୁଗନ୍ଧ୍' ଏବଂ କେ. ଶ୍ୟାମବାବୁ ଦୋରାଙ୍କ ଭିନ୍ନ ଶୈଳୀର କଥାକୃତି 'ପ୍ରଶ୍ନବାଚକ' ବହିର ଲୋକାର୍ପଣ କରିଥିଲେ। ହିନ୍ଦୀ କବୟିତ୍ରୀ ଜେ. ଜୟଶ୍ରୀ ଦୋରା ଓ ହିନ୍ଦୀ ସାହିତ୍ୟର ବିଦ୍ୱାନ୍ ଡ. ଭବାନୀ ଶଙ୍କର ମିଶ୍ର ଅନୂଦିତ କବିତା ବହି 'ବନ୍ଦ୍ ଘର୍ କୀ ସୁଗନ୍ଧ୍'ର ସମୀକ୍ଷା କରିଥିବା ବେଳେ ଯୁବ ସମାଲୋଚକ ଡ. ହୃଷୀକେଶ ପଣ୍ଡା ଓ କବି ମନୋରଞ୍ଜନ ପାଣିଗ୍ରାହୀ କେ. ଶ୍ୟାମବାବୁ ଦୋରାଙ୍କ ପ୍ରଥମ ଗଳ୍ପ ପୁସ୍ତକ 'ପ୍ରଶ୍ନବାଚକ'ର ସମୀକ୍ଷା କରିଥିଲେ। ସ୍ୱତନ୍ତ୍ର ଆମନ୍ତ୍ରିତ ଅତିଥି ରୂପେ କବି ଓ ଗାଳ୍ପିକ ଭବାନୀ ପାଟଯୋଶୀ, ଡ. ବିଧୁପ୍ରଭା ରଥ, ଦେବୀପ୍ରଭା ରଥ, ଭାରତୀ ପାତ୍ର, ଅଞ୍ଜଳି ଦାଶ, ଭାଗ୍ୟଲକ୍ଷ୍ମୀ ମହାରଣା, ଶର୍ମିଷ୍ଠା ପାଣିଗ୍ରାହୀ, ଅଧ୍ୟାପିକା ମିନତି ପଟ୍ଟନାୟକ, ଡ. ସ୍ମରଣିକା ସାହୁ, ସୁନନ୍ଦା ଚୌଧୁରୀ, ସସ୍ମିତା ମିଶ୍ର, କବି ସୁଶାନ୍ତ ଦାସ, ଡ. ଗଙ୍ଗାଧର ବେହେରା, କବି ଅନୁପ କୁମାର ମିଶ୍ର, ଭଗବାନ ପଣ୍ଡା (ଭଗତ୍), ଡ. ଦିଲୀପ ବେହେରା, ବସନ୍ତ ବେହେରା, ଆକାଶ ରଞ୍ଜନ ସାହୁ, ଯୋଗେଶ୍ୱର ପଣ୍ଡା ପ୍ରମୁଖ ଦୁଇ ଲୋକାର୍ପିତ ପୁସ୍ତକର ସ୍ରଷ୍ଟାଙ୍କୁ ସାରସ୍ୱତ ଅଭିନନ୍ଦନ ଜଣାଇଥିଲେ। ଶେଷରେ କବି ଅନୁପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଜଳୁଛି କଳିଙ୍ଗା ଘାଟି; ବିପଦରେ ବନ୍ୟପ୍ରାଣୀ

**ଫୁଲବାଣୀ,୨୨।୪(ସମିସ)**

ଗଞ୍ଜାମ ଓ କନ୍ଧମାଳ ସୀମାରେ ଥିବା କଳିଙ୍ଗା ଘାଟି ଜଙ୍ଗଲ ବିପଦରେ। ଗତ କିଛି ଦିନ ଧରି ଜଳୁଛି ଜଙ୍ଗଲ। ଫଳରେ ନିଆଁର କବଜାରେ ରହିଛି ବୃକ୍ଷଲତା ସମେତ ବନ୍ୟପ୍ରାଣୀ। ଦୀର୍ଘ ୧୦ କିମି ଲମ୍ବ କଳିଙ୍ଗା ଘାଟିର ୬ କିମି ଗଞ୍ଜାମ ଜିଲ୍ଲାର ଘୁମୁସର ବନଖଣ୍ଡ ଅଧୀନରେ ଥିବା ବେଳେ ବଳକା ଜଙ୍ଗଲ କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ରେଞ୍ଜ ଅଧୀନରେ ରହିଛି। ତିନି ଦିନ ହେଲା ଗଞ୍ଜାମ ସୀମାର ଜଙ୍ଗଲ ଭିତରେ ପାହାଡ଼ ପର୍ବତ ସାରା ନିଆଁ ବ୍ୟାପି ଫୁଲବାଣୀ ବନଖଣ୍ଡର ଜଙ୍ଗଲ ଧ୍ୱଂସ ହେବାକୁ ବସିଲାଣି। ଜଙ୍ଗଲର ମୂଲ୍ୟବାନ ବୃକ୍ଷ ଜଳିପୋଡ଼ି ନଷ୍ଟ ହେବା ସହ ବନ୍ୟପ୍ରାଣୀ ବିପଦରେ ପଡ଼ିଛନ୍ତି। ଗତବର୍ଷ ମଧ୍ୟ ଏହିଭଳି ଗ୍ରୀଷ୍ମଋତୁ ଆରମ୍ଭରୁ କଳିଙ୍ଗା ଘାଟିର ଜଙ୍ଗଲରେ ନିଆଁର କରାଳରୂପ ଦେଖିବାକୁ ମିଳିଥିଲା। ଖବର ପାଇ ଫୁଲବାଣୀ ଡିଏଫଓ ପ୍ରଶାନ୍ତ ପଟେଲ, ସ୍ଥାନୀୟ ବନବିଭାଗ ଅଧିକାରୀ କାଜଲ ନାୟକ ଏବଂ ଟିମ କଳିଙ୍ଗାରେ ପହଞ୍ଚି ସମସ୍ତ ବିଭାଗୀୟ କର୍ମଚାରୀଙ୍କ ସହାୟତାରେ ଜଙ୍ଗଲ ଭିତରେ ପ୍ରବେଶ କରି ଲାଇନ କାଟି ଶୁଖିଲା ପତ୍ର ଗୁଡିକୁ ସଫା କରିବାରେ ଲାଗିଛନ୍ତି। ନିଆଁକୁ କିଭଳି ଆୟତ୍ତ କରାଯାଇ ପାରିବ ଏବଂ କିଭଳି ଆଗକୁ ନିଆଁ ବ୍ୟାପିବ ନାହିଁ ସେଥି ପ୍ରତି ବିଭାଗୀୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ ଡିଏଫଓ। ଏପଟେ ଗଞ୍ଜାମ ସୀମାର ଡଲିଙ୍ଗିଆ, ଭାଲିଙ୍ଗିଆ ଜଙ୍ଗଲ ପଟୁ ନିଆଁ ବ୍ୟାପିବା ସହ ସାରା ଜଙ୍ଗଲ ଧୂଆଁରେ ଭରିରହିଛି। ପ୍ରାୟ ୭ କିମି ବ୍ୟାପି ଜଙ୍ଗଲରେ ନିଆଁ ବ୍ୟାପିଥିବା ସୂଚନା ମିଳିଥିବା ବେଳେ ସାରା ଅଞ୍ଚଳର ପରିବେଶ ବାୟୁମଣ୍ଡଳ ଧୂଆଁମୟ ହୋଇଛି। ଘାଟିର ଦୁଇ ପାଶ୍ୱର୍ରେ ଜଙ୍ଗଲ ନିଆଁ ଲିଭାଇବା କଷ୍ଟସାଧ୍ୟ ମନେ ହେଉଛି। ଅନ୍ୟ ପକ୍ଷେ ନିଆଁ ଲିଭାଇବା ନିମନ୍ତେ ବନବିଭାଗ ପାଖରେ ସାଧନ ସାଙ୍ଗକୁ ଆବଶ୍ୟକ କର୍ମଚାରୀଙ୍କ ଅଭାବ ଥିବା କୁହାଯାଉଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ସାଙ୍ଗକୁ ଜଙ୍ଗଲ ନିଆଁ ଗରମକୁ ଦ୍ୱିଗୁଣିତ କରିଦେଉଛି। ନିଆଁକୁ ଆୟତ୍ତ କରିବା ପାଇଁ ସବୁ ପ୍ରକାର ଉଦ୍ୟମ ଜାରି ରହିଛି ବୋଲି ଫୁଲବାଣୀ ଡିଏଫଓ ଶ୍ରୀ ପଟେଲ କହିଛନ୍ତି।



ବ୍ରହ୍ମପୁର କୋର୍ଟ କ୍ୟାମ୍ପସରେ ପ୍ରଚାରକୁ ସବୁ ଦଳର ଗୁରୁତ୍ୱ

## ସାଂସଦ ପ୍ରାର୍ଥୀ ଭୃଗୁ ଓ ଗୋପାଳପୁର ବିଧାୟକ ପ୍ରାର୍ଥୀ ବିକ୍ରମଙ୍କୁ ବିପୁଳ ସ୍ୱାଗତ



ବ୍ରହ୍ମପୁର, ୨୨।୪(ସମିସ)

୨୦୨୪ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ଜାରି ରହିଛି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା। ସେପଟେ ସମାନ୍ତରାଳ ଭାବେ ସମସ୍ତ ପ୍ରାର୍ଥୀ ନିଜ ନିଜର ପ୍ରଚାର କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରିଛନ୍ତି। ଖେଳପଡ଼ିଆ, ଯୋଗକେନ୍ଦ୍ର, କ୍ଲବ, ବିଭିନ୍ନ ସଙ୍ଗଠନ ଓ ଚାହା ଖଟି ଭଳି ଜନଗହଳିପୂର୍ଣ୍ଣ ସ୍ଥାନକୁ ଯାଇ ସାମୂହିକ କରିବାକୁ ପ୍ରାଥମିକତା ଦେଉଛନ୍ତି ପ୍ରାର୍ଥୀମାନେ। ତେବେ ବୁଦ୍ଧିଜୀବୀମାନଙ୍କ ଅନ୍ୟତମ ପ୍ରମୁଖ ସ୍ଥାନ ହେଉଛି କୋର୍ଟ ପରିସର ତଥା ଓକିଲ ସଂଘ କାର୍ଯ୍ୟାଳୟ। ଯାହାକୁ କେହି ହାତଛଡା କରିବାକୁ ଚାହୁଁନାହାନ୍ତି। ଦିନ ଗଡ଼ିବା ସହିତ ମତଦାନ ପାଇଁ ସମୟ କମିବାରେ ଲାଗିଛି। ଏଣୁ ନିଜନିଜ ସପକ୍ଷରେ ଭୋଟରଙ୍କୁ ମନାଇବା ପାଇଁ ଦିନ ରାତି ଏକ କରିଦେଇଛନ୍ତି ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକ। ଏହି କ୍ରମରେ ସୋମବାର ଗୋଟିଏ ଦିନରେ ବିଜୁ ଜନତା ଦଳ ଓ କଂଗ୍ରେସ ପକ୍ଷରୁ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀମାନେ କୋର୍ଟରେ ଓ ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟରେ ନିଜ ନିଜର ପ୍ରଚାର କରିଥିବା ଦେଖିବାକୁ ମିଳିଛି। ନିର୍ବାଚନୀ ମଇଦାନରେ ଯଦିଓ ପରସ୍ପର ପ୍ରତିଦ୍ୱନ୍ଦୀ ତଥାପି ଭାଇଚାରା ସହିତ ସମସ୍ତେ ପ୍ରଚାର କରିଛନ୍ତି। କଂଗ୍ରେସର ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ରଶ୍ମିରଞ୍ଜନ ପଟ୍ଟନାୟକ ଓ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଦୀପକ ପଟ୍ଟନାୟକ ମିଳିତ ଭାବେ ଗୋଟି ଗୋଟି କରି ସମସ୍ତ ଆଇନଜୀବୀଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଭୋଟଭିକ୍ଷା କରିଥିଲେ। ସେହିଭଳି ବିଜୁ ଜନତା ଦଳର

### କଂଗ୍ରେସ ସାଂସଦ ପ୍ରାର୍ଥୀ ରଶ୍ମି ଓ ବିଧାୟକ ପ୍ରାର୍ଥୀ ଦୀପକଙ୍କ ପ୍ରଚାର

ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ଗୋପାଳପୁର ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା ପ୍ରଚାର କରିବା ସହ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ଗଞ୍ଜାମ ଓକିଲ ସଂଘର ବହୁ ବରିଷ୍ଠ ଓ ଯୁବ ଆଇନଜୀବୀ ଉଭୟ ଭୃଗୁ ଓ ବିକ୍ରମଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ସମସ୍ତଙ୍କ ଗହଣରେ ଉଭୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ପ୍ରକାଶ ଯୋଗ୍ୟ ଯେ' କଂଗ୍ରେସର ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଦିପକ ପଟ୍ଟନାୟକ ଓ ବିଜେଡିର ଗୋପାଳପୁର ବିଧାୟକ ପ୍ରାର୍ଥୀ ଉଭୟେ ଗଞ୍ଜାମ ଓକିଲ ସଂଘର ସଦସ୍ୟ। ସେହିଭଳି ଗଞ୍ଜାମ ଓକିଲ ସଂଘର ଅନ୍ୟଜଣେ ସଦସ୍ୟ ତଥା ଆଇନଜୀବୀ ମନୋଜ କୁମାର ପଟ୍ଟନାୟକ ମଧ୍ୟ ଚଳିତ ନିର୍ବାଚନରେ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପୂର୍ବରୁ ବ୍ରହ୍ମପୁର ଲୋକସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଥିବା ଭି. ଚନ୍ଦ୍ରଶେଖର ନାଇଡୁ ଓ ବ୍ରହ୍ମପୁର ବିଧାନସଭା ଆସନରୁ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାଶ ମଧ୍ୟ ବ୍ରହ୍ମପୁର କୋର୍ଟରେ ନିଜର ପ୍ରଥମ ପର୍ଯ୍ୟାୟ ପ୍ରଚାର କରିସାରିଛନ୍ତି। ଗଞ୍ଜାମ ଓକିଲ ସଂଘ ଏକ ବହୁ ପୁରାତନ ସଂଘ ଏବଂ ଏଠାରେ ସଦସ୍ୟଙ୍କ ସଂଖ୍ୟା ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ରହିଥିବା ସୂଚନା ମିଳିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ଯଶସ୍ୱୀ କରିବାକୁ

# ସଂକଳ୍ପବଦ୍ଧ ନେତା ଓ କର୍ମୀ

ବ୍ରହ୍ମପୁର, ୨୨।୪(ସମିସ)

ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ଯଶସ୍ୱୀ କରିବାକୁ ବ୍ରହ୍ମପୁରରେ ନେତା ଓ କର୍ମୀ ସଂକଳ୍ପବଦ୍ଧ ହୋଇଛନ୍ତି। ଦିନ ରାତି ଏକ କରି ମହିଳା, ଯୁବ ଓ ଛାତ୍ର ନେତା ଓ କର୍ମୀମାନେ ଘରକୁ ଘର ଯାଇ ଲୋକଙ୍କୁ ଭୋଟ ଭିକ୍ଷା କରିବା ସହ ଆଶୀର୍ବାଦ କାମନା କରୁଛନ୍ତି। ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଲୋକଙ୍କୁ ସଚେତନ କରୁଛନ୍ତି। ଏହିକ୍ରମରେ ସ୍ଥାନୀୟ ଭାବାନଗର ସ୍ଥିତ ବିଧାନସଭା କାର୍ଯ୍ୟାଳୟ ପରିସରରେ ବିଜେଡି ପକ୍ଷରୁ ଯୁବ ଛାତ୍ର ଓ ମହିଳାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ପ୍ରତିଟି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ତିନି ଗୋଷ୍ଠୀ କିପରି ସସକ୍ତ ହୋଇ ନିର୍ବାଚନରେ କାର୍ଯ୍ୟ କରିବେ ସେନେଇ ଆଲୋଚନା କରାଯାଇଛି। ଛାତ୍ର, ମହିଳା ଓ ଯୁବକମାନେ ସଂଗଠିତ ହେଲେ କୌଣସି ଶକ୍ତି ଅଟକାଇ ପାରିବନି ବୋଲି ନେତାଏଁ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେ ଆସନ୍ତା ୨୪ତାରିଖରେ ବିଜେଡିର ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ବିଧାୟକ ପ୍ରାର୍ଥୀ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ନାମାଙ୍କନ ପତ୍ର ଦାଖଲ କରିବେ। ଛତ୍ରପୁରରେ ଦାଖଲ



### ବିଜୁ ଜନତା ଦଳର ପ୍ରସ୍ତୁତି ବୈଠକ

### ଯୁବ, ଛାତ୍ର ଓ ମହିଳା ସମାବେଶ

### ୨୪ରେ ପ୍ରାର୍ଥିପତ୍ର ଦାଖଲ କରିବେ ଭୃଗୁ ବକ୍ସିପାତ୍ର

କରିବାକୁ ଥିବା ନାମାଙ୍କନ ପତ୍ର କାର୍ଯ୍ୟ କିଭଳି ସମାପନ ହେବ ସେନେଇ ବୈଠକରେ ସବିଶେଷ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମ କିପରି ଶାନ୍ତିଶୃଙ୍ଖଳାର ସହକାରେ ହେବ ସେନେଇ କର୍ମୀଙ୍କ ମତ ଲୋଡ଼ା ଯାଇଛି। ଏହା ସହିତ ସହରରେ ବିଧାୟକ ପ୍ରାର୍ଥୀଙ୍କ ପ୍ରଚାରରେ ବେଶ୍ ଜନସମର୍ଥନ ମିଳୁଥିବା ବେଳେ ବିରୋଧୀ କେବଳ ବୟସ ଓ ବାର୍ଦ୍ଧକ୍ୟକୁ ନେଇ ଯେଉଁ ଷଡଯନ୍ତ୍ର ରଚୁଛନ୍ତି ତାହା କାମ କରିବନି ବୋଲି ଡ଼ା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଥିଲେ। ନାମାଙ୍କନ ଦାଖଲ ସମୟରେ ଏକ ଶୋଭାଯାତ୍ରା ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ମନ୍ଦିର ପରିସରରୁ ବାହାରି ସହର ପରିକ୍ରମା କରି ଛତ୍ରପୁରରେ ପହଞ୍ଚିବ। ଏହି ସମୟରେ ସମସ୍ତ ଲୋକେ ଶୋଭାଯାତ୍ରାରେ କିପରି ଶାନ୍ତିଶୃଙ୍ଖଳାରେ ଓ ସୁରକ୍ଷିତ ଭାବେ ଯାଇ ଫେରିବେ ସେ କାର୍ଯ୍ୟର ଦାୟିତ୍ୱ ସମସ୍ତ କର୍ମୀ ଓ ନେତୃବୃନ୍ଦଙ୍କ ଉପରେ ରହିଲା ବୋଲି ସାଂସଦ ପ୍ରାର୍ଥୀ ଶ୍ରୀ ବକ୍ସିପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କ ସମେତ ମେୟର ସଂଘମିତ୍ରା ଦଳେଇ, ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଅର୍ବାନ ବ୍ୟାଙ୍କ ସଭାପତି ଆର ମୁରଲି ମୋହନ, ନଗର ଯୁବ ସଭାପତି ଅଜିତ୍ ପଣ୍ଡା, ନଗର ଛାତ୍ର ସଭାପତି ଶୋଭନ ନାୟକ, ପୂର୍ବତନ ଉପ ନଗରପାଳ ଭଗବାନ ଗନ୍ତାୟତ, ନିରଞ୍ଜନ ଜେନା, ବିସିସି ବ୍ୟାଙ୍କ୍ ସଭାପତି ଶିବ ପାତ୍ର, ବରିଷ୍ଠ ନେତା ସଞ୍ଜିତ ପାଣିଗ୍ରାହୀ, ଅନିଲ ସାହୁ, ମମତା ବିଷୋୟୀ, ସୋନାଲି ଗନ୍ତାୟତ, ତିରୁପତି ପାତ୍ର, ଦଣ୍ଡପାଣି ନାୟକ, ସଂଯୁକ୍ତା ସାମଲ, ପାର୍ବତୀ ପ୍ରଧାନ, ନଳିନୀକାନ୍ତ ଦେବଦର୍ଶି, ଅଜୟ ମହାରଣା, କୈଳାଶ ମହାରଣା, ଫୈଜ ଖାନ, ଜଗନ୍ନାଥ ସାବତ, ଧ୍ରେନ୍ ମହାରଣା ପ୍ରମୁଖ ମଞ୍ଚାସିନ ଥିଲେ। ନଗର ସଭାପତି ବିଜୟ ସାମଲ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସମସ୍ତ କର୍ପୋରେଟର, ଯୁବ, ଛାତ୍ର, ମହିଳା କର୍ମୀମାନେ ଉପସ୍ଥିତ ଥିଲେ।

■ ପାତ୍ରପୁର ବ୍ଲକରେ ବିଜେଡିର ପଞ୍ଚାୟତ ୱାରି ପ୍ରଚାର ଜାରି

## ସବୁଠି ମିଳୁଛି ଯୁବରାଜ ଶ୍ରୀରୂପ ଦେବଙ୍କୁ ବିପୁଳ ସମର୍ଥନ



ବ୍ରହ୍ମପୁର, ୨୨।୪(ସମିସ): ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ପାଖେଇ ଆସୁଛି ଭୋଟଗ୍ରହଣ ଦିବସ। ଯାହାକୁ ଦୃଷ୍ଟିରେ ରଖି ସମୟର ଅପଚୟ ନକରି ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି ବିଜୁ ଜନତା ଦଳ। ସମସ୍ତ ନିର୍ବାଚନ ମଣ୍ଡଳୀରେ ପଞ୍ଚାୟତ ଓ ୱାର୍ଡ ୱାରି ପ୍ରଚାର ଉପରେ ଦିଆଯାଉଛି ଗୁରୁତ୍ୱ। ଏହି ପରିପ୍ରେକ୍ଷୀରେ ଚିକିଟି ବିଧାନସଭା ଆସନ ପାଇଁ ବିଧାୟକ ପ୍ରାର୍ଥୀ ତଥା ଯୁବରାଜ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ ପ୍ରଚାରକୁ ଦିନରାତି ଏକ କରିଦେଇଛନ୍ତି। ସମର୍ଥକଙ୍କ ସହ ଲୋକଙ୍କ ନିକଟକୁ ଯାଇ ସେମାନଙ୍କ ସହିତ ଆଲୋଚନା କରି ଭୋଟ ଭିକ୍ଷା କରୁଛନ୍ତି। ସବୁଠି ଶ୍ରୀରୂପ ଦେବଙ୍କୁ ବିପୁଳ ସମର୍ଥନ ମିଳୁଥିବା ବେଳେ ଗାଁରୁ ପଞ୍ଚାୟତ ସବୁଠି ତାଙ୍କୁ ଉସ୍ଵସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ଏହିକ୍ରମରେ ସୋମବାର ଚିକିଟି ନିର୍ବାଚନ ମଣ୍ଡଳୀର ପାତ୍ରପୁର ବ୍ଲକ ଅନ୍ତର୍ଗତ ତଣ୍ଡିପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜୁ ଜନତା ଦଳ ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ ଓ ବିଜେଡି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୁପ ଦେବ ଦଳୀୟ କର୍ମୀ ଓ ସମର୍ଥକଙ୍କ ଗହଣରେ ରାଜପୁର, ମହୁଲପଡ଼ା, ବୁରିପଦର, ସାହାସପୁର, ଖଇର, ଡୁଙ୍ଗୁରୁଗୁଡା, ପୋଲରାଜପୁର, ଗୋବିନ୍ଦ ରାଜପୁର, ହରିଚନ୍ଦନପୁର ଓ ତଣ୍ଡିପୁର ଆଦି ଗ୍ରାମ ପରିକ୍ରମା କରି ଶ୍ରୀରୁପ ନିଜ ସହିତ ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ତଣ୍ଡିପୁର ଗ୍ରାମରେ ବିଧାୟକ ପ୍ରାର୍ଥୀ ଶ୍ରୀରୁପ ଦେଓ ଭୋଟ ପ୍ରଚାର ପରେ ଆୟୋଜିତ ସାଧାରଣ ସଭାରେ ନବୀନଙ୍କ ବିକାଶ ଏବଂ ତାଙ୍କ ମାଁ ତଥା ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀଙ୍କ ଶାନ୍ତିପ୍ରିୟତା ଆଧାରରେ ଭୋଟ ଦେଇ ଆଶିର୍ବାଦ କରିବେ ବୋଲି ତାଙ୍କର ଦୃଢ ବିଶ୍ୱାସ ରହିଥିବା କହିଥିଲେ। ସୋମବାର ଅନୁଷ୍ଠିତ ଦଳୀୟ ପ୍ରଚାର କାର୍ଯ୍ୟକ୍ରମରେ ସବୁ ଗ୍ରାମରେ ବିଧାୟକ ପ୍ରାର୍ଥୀ ଶ୍ରୀରୁପଙ୍କୁ ମହିଳାମାନେ ଫୁଲଚନ୍ଦନ ଦେଇ ଉସ୍ଵସିତ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ପ୍ରବଳ ଖରା ସତ୍ତ୍ୱେ ଦଳୀୟ କର୍ମୀମାନେ ଉତ୍ସାହର ସହିତ ପଦଯାତ୍ରାରେ ନିଜ ପ୍ରିୟ ନେତାଙ୍କ ସହ ପ୍ରଚାରରେ ସାମିଲ ହୋଇଥିଲେ। ଶ୍ରୀରୁପଙ୍କ ପ୍ରଚାର ବେଳେ ପାତ୍ରପୁର ବ୍ଲକ ବିଜେଡି ସଭାପତି ରାମନାଥ ପାଣିଗ୍ରାହୀ, ବାପୁଜୀ ବିଷୋୟୀ, ସ୍ଥାନୀୟ ସରପଞ୍ଚ ରୀତା ପାତ୍ର, ସୁନୀଲ ନାୟକ, ପୁର୍ବତନ ସରପଞ୍ଚ ଏମ୍ ମିଲିକୋ, ମିଟୁ ମୋଳିକ, ବାବୁ ଦାସ, ଦେବକୀ ନନ୍ଦନ ନାୟକ, ସନ୍ତୋଷ ପ୍ରଧାନ, ଶରତ ପ୍ରଧାନ ଓ ସନ୍ତୋଷ ଗୌଡ ପ୍ରମୁଖଙ୍କ ସମେତ ବିଜୁ ଜନତା ଦଳର ହଜାର ହଜାର କର୍ମୀ ଉପସ୍ଥିତ ଥିଲେ।

### ନିର୍ମଳ ଓ ସ୍ଥିର ଶାସନ ସହିତ ବିକାଶ ଆଧାରରେ କଲେ ଭୋଟ ଭିକ୍ଷା

କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

## ମୋଦି ସରକାରରେ ବେକାରୀ ସଂଖ୍ୟା ବୃଦ୍ଧି



ବ୍ରହ୍ମପୁର, ୨୨।୪(ସମିସ)

କେନ୍ଦ୍ରର ମୋଦି ସରକାର ଅମଳରେ ଦେଶରେ ବେକାରୀ ସମସ୍ୟା ଉତ୍କଟ ହୋଇଛି। ସେହିଭଳି ପ୍ରବାସୀ ସଂଖ୍ୟା ମଧ୍ୟ ବିଭିନ୍ନ ରାଜ୍ୟରେ ବୃଦ୍ଧି ପାଇଛି। ଲୋକଙ୍କୁ ରୋଜଗାର ଦେବାରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ କୃଷକଙ୍କ ପ୍ରତି ଗଭୀର ଅନ୍ୟାୟ କରାଯାଉଛି ବୋଲି ଏଆଇସିସି ମୁଖପାତ୍ର ପ୍ରଭାତ କୁମାର କହିଛନ୍ତି। ସ୍ଥାନୀୟ ଉତ୍କଳ ଆଶ୍ରମ ପରିସରରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଏଆଇସିସି ମୁଖପାତ୍ର ପ୍ରଭାତ କୁମାର ଯୋଗଦେଇ ଦେଶ ଓ ରାଜ୍ୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଛନ୍ତି। ଓଡ଼ିଶା ଗସ୍ତରେ ଥିବା ଶ୍ରୀ କୁମାର ବିଭିନ୍ନ ଜିଲ୍ଲା ବୁଲିବା ସହ ଦଳୀୟ ପ୍ରାର୍ଥୀ ଓ ଦଳ ପ୍ରତି ଲୋକଙ୍କ ସମର୍ଥନ କିପରି ରହିଛି ତାହା ପରଖୁଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏ ଅବସରରେ ସେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, କଳାଧନ ଆଣିବା ବାହାନା କରି ସରକାର ନୋଟବନ୍ଦୀ କରିଥିଲେ। କିନ୍ତୁ ଏହାର ଫଳ କଣ ହେଲା ବୋଲି ସେ ପ୍ରଶ୍ନ କହିଛନ୍ତି। ସେହିଭଳି ପୁଲୱାମାରେ ସହିଦ ହୋଇଥିବା ଦେଶର ସୈନିକଙ୍କ ବଳିଦାନକୁ ନେଇ ବିଜେପି ରାଜନୀତି କରୁଛି। ଦେଶରେ କୃଷକଙ୍କ ସମସ୍ୟା କହିଲେ ନ ସରେ। ମନ୍ତ୍ରୀଙ୍କ ପୁଅ ଅନ୍ନଦାତାଙ୍କୁ ଗାଡ଼ି ଚଢାଇ ହତ୍ୟା କରୁଛି ବୋଲି ସେ କହିଥିଲେ। ସେହିଭଳି ସ୍ଥାନୀୟ ସମସ୍ୟା ଉପରେ ଆଲୋକପାତ କରିବା ସହ ଦଳୀୟ ସ୍ଥିତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ ଏଆଇସିସି ମୁଖପାତ୍ର ପ୍ରଭାତ କୁମାର। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ରଶ୍ମି ରଞ୍ଜନ ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ଦୀପକ ପଟ୍ଟନାୟକ, ଏଆଇସିସି ପର୍ଯ୍ୟବେକ୍ଷକ ରାମ ପ୍ରତାପ ସିଂ, ନଗର ସଭାପତି ଅତୁଲ୍ୟ ପାଢ଼ୀ, ରାଜ୍ୟ ମିଡ଼ିଆ ସଂଯୋଜକ ବୀରେନ ଦଳାଇ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ରାଉତ ପ୍ରମୁଖ ମଞ୍ଚାସିନ ଥିଲେ। ସେହିପରି ମିଡ଼ିଆ ସଂଯୋଜକ ତତ୍ ସତ୍ ସୁବୁଦ୍ଧି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏ ଅବସରରେ ଆଇନଜୀବି ପ୍ରଦୀପ ବେହେରା କଂଗ୍ରେସ ଦଳରେ ସାମିଲ ହୋଇଥିଲେ।

## ଧରିତ୍ରୀ ସୁରକ୍ଷା ସଚେତନା ଓ ସ୍ୱାସ୍ଥ୍ୟ ଶିବିର



ବ୍ରହ୍ମପୁର, ୨୨।୪(ସମିସ): ସ୍ଥାନୀୟ ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ଧରିତ୍ରୀ ଦିବସରେ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଯୋଗଦେଇ ପଲିଥିନ୍ ମୁକ୍ତ, ସବୁଜ ଭରା, ରାସାୟନିକ ସାର ଓ କୀଟନାଶକ ବିଷ ବିହୀନ ପରିବେଶ ସୃଷ୍ଟି କରିବା ଦ୍ୱାରା ଧରିତ୍ରୀ ସୁରକ୍ଷା ହୁଏ ଏଠାରେ ସଚେତନ କରିଥିଲେ। ନିରାକରଣ ନିମନ୍ତେ ରାସ୍ତା କଡ଼ରେ ଅଶ୍ୱତ୍ଥ, ବଟ, ନିମ୍ବ ବୃକ୍ଷ ରୋପଣ ଓ ଗୃହ ଚାରିପାଖରେ ଘୃତ କୁମାରୀ, ତୁଳସୀ, କୁରୁବେଲି, ବ୍ରାହ୍ମୀ, ଭୃଙ୍ଗରାଜ, ପିପ୍ପଳୀ, ଧନିଆ, ଜୁଆଣି, ହଳଦୀ, ପୁଦିନା, ଗଙ୍ଗଶିଉଳୀ ଆଦି ଔଷଧୀୟ ବୃକ୍ଷ ଲଗାଇ ପରିବାରର ସବୁ ରୋଗର ପ୍ରତିକ୍ରିୟା ହୀନ ଚିକିତ୍ସା କରିବା ସହ ସବୁଜ ଧରିତ୍ରୀ ସୃଷ୍ଟି କରି ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ବୋଲି ଡ଼ା. ସାହୁ ପରାମର୍ଶ ଦେଇଥିଲେ। ଏ ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଡି.ଶ୍ରୀନିବାସ ରାଓ ଶିବିରର ପରିଚାଳନାରେ ସହଯୋଗ କରିଥିଲେ।

## ସବୁଜ ବାହିନୀର 'ବିଶ୍ୱ ଧରିତ୍ରୀ' ଦିବସ ପାଳନ

ବ୍ରହ୍ମପୁର, ୨୨।୪(ସମିସ): ବ୍ରହ୍ମପୁର ଉପକଣ୍ଠ ଚନ୍ଦନିଆ ପାହାଡ଼ ନିକଟ ଜଙ୍ଗଲ ଏବଂ ସୁକୁଣ୍ଡା ହଜ ଠାରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ 'ବିଶ୍ୱ ଧରିତ୍ରୀ' ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଚନ୍ଦନିଆ ପାହାଡ଼ ଜଙ୍ଗଲ ଓ ସୁକୁଣ୍ଡା ହଜରେ ବିଭିନ୍ନ କିସମର ଫଳନ୍ତି ଚାରା ରୋପଣ କରାଯାଇଥିଲା। ପରିବେଶ ସମ୍ବନ୍ଧୀୟ ସମସ୍ୟା ଗୁଡିକ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଜଳବାୟୁ ପରିବର୍ତ୍ତନଠାରୁ ଆରମ୍ଭ କରି ଜୈବ ବିବିଧତା ହ୍ରାସ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିବା ହେଉଛି ଏହି ଦିବସ ପାଳନର ଲକ୍ଷ୍ୟ। ଭବିଷ୍ୟତ ପିଢିଙ୍କ ପାଇଁ ଧରିତ୍ରୀ ଗ୍ରହକୁ ସୁରକ୍ଷିତ ରଖିବା ଆମର ସାମୂହିକ ଦାୟିତ୍ୱ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏ ପ୍ରକାଶ, ସହ ସମ୍ପାଦକ ପି ବିନୋଦ, ଆକାଶ ରାଉତ, ପ୍ରସନ୍ନ ସ୍ୱାଇଁ, କେ ଅନିଲ କୁମାର ଚୌଧୁରୀ ପ୍ରଭୃତି ସଦସ୍ୟ ଉପସ୍ଥିତ ଥିଲେ।




ଦୁର୍ଦ୍ଦିନରେ ସହରୀ ବାଉଁଶ କାରିଗର

## ନିର୍ବାଚନକୁ ନେଇ ଅର୍ଥ ଉପାର୍ଜନର ଆଶା



ବ୍ରହ୍ମପୁର, ୨୨।୪(ସମିସ)

ବ୍ରହ୍ମପୁର ସହରରେ ଗେଟବଜାର, ଟାଟାବେଞ୍ଚ, ଉତ୍କଳ ଆଶ୍ରମ, ଉତ୍କଳ ସିନେମା ହଲ ଛକ ଓ ଗିରି ମାର୍କେଟ ଆଦି ଅଞ୍ଚଳରେ ପ୍ରାୟ ୪୫ରୁ ୫୦ଜଣ ମେଦିରି ସମ୍ପ୍ରଦାୟର ପରିବାର ବସବାସ କରୁଛନ୍ତି। ଦିର୍ଘ ବର୍ଷ ଧରି ବାଉଁଶ ସଂଗ୍ରହ କରି ସେଥିରେ କୁଲା, ଡାଲିଆ, ମାଣ ଓ ପାଛିଆ ଆଦି ସାମଗ୍ରୀ ପ୍ରସ୍ତୁତ କରି ନିଜ ପରିବାର ପୋଷଣ କରିଥାନ୍ତି। ଏହାକୁ ସେମାନେ ନିଜ କୌଳିକ ବୃତ୍ତି ରୂପେ ଗ୍ରହଣ କରିନେଇଛନ୍ତି। କିନ୍ତୁ ଦିନ ତମାମ ବାଉଁଶରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ନିମନ୍ତେ ବହୁ ପରିଶ୍ରମ କରିବାକୁ ପଡୁଛି। ତେବେ ପ୍ରସ୍ତୁତ ସାମଗ୍ରୀଗୁଡିକର ବଜାରର ଚାହିଦା ନଥିବା କାରଣରୁ ମଜୁରୀ ବାବଦ ଅର୍ଥ ହାସଲ କରିବା କଷ୍ଟକର ହେଉଥିବା କହିଛନ୍ତି ବାଉଁଶ କାରିଗରମାନେ। ଶେଷରେ ଗୁଜରଣ ମେଣ୍ଟାଇବାକୁ ବାଧ ହୋଇ ବ୍ୟବସାୟୀଙ୍କୁ ଶାଗମାଛ ଦରରେ ଉକ୍ତ ସାମଗ୍ରୀଗୁଡିକୁ ବିକ୍ରି କରିବାକୁ ବାଧ ହେଉଥିବା ପ୍ରକାଶ କରିଛନ୍ତି। ନିର୍ବାଚନ ସମୟରେ କିଛି ଅର୍ଥ ଉପାର୍ଜନର ଆଶା ରଖିଥାନ୍ତି ବାଉଁଶ କାରିଗର। ବିଭିନ୍ନ ଦଳର ପ୍ରାର୍ଥୀମାନେ ପ୍ରଚାରରେ ବ୍ୟବହାର କରୁଥିବା ଦଳୀୟ ପତକା ପାଇଁ ବାଉଁଶ ବାଡିର ଆବଶ୍ୟକତା ରହିଥାଏ। ଏହି ବାଉଁଶ ବାଡ଼ିକୁ ସହରର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ବାଉଁଶ କାରିଗରମାନେ ପ୍ରସ୍ତୁତ କରିଥାନ୍ତି। ପ୍ରତି ବାଉଁଶ ବାଡ଼ି ପାଇଁ ୪ଟଙ୍କା ମୂଲ୍ୟ ନେଇଥାନ୍ତି। ନିର୍ବାଚନ ସମୟରେ ଜଣେ ବାଉଁଶ କାରିଗର ପ୍ରାୟ ୩ରୁ ୪ହଜାର ପର୍ଯ୍ୟନ୍ତ ବାଉଁଶ ବାଡ଼ି ପ୍ରସ୍ତୁତ କରି ବିକ୍ରି କରିଥାନ୍ତି। ବର୍ଷର ଅଧିକାଂଶ ସମୟ ବ୍ୟବସାୟ ମାନ୍ଦା ରହୁଥିବା ବେଳେ ନିର୍ବାଚନ ସମୟରେ କିଛି ଅର୍ଥ ଉପାର୍ଜନ କରିବା ନେଇ ଆଶ ସଂଞ୍ଚାର ହୋଇଥାଏ। ଅନ୍ୟପକ୍ଷରେ ପ୍ରୋତ୍ସାହନ ଅଭାବ, ବଜାରରେ ଚାହିଦା କମ୍ ଏବଂ ପ୍ଲାଷ୍ଟିକ୍ ସାମଗ୍ରୀର ବହୁଳ ବ୍ୟବହାର ପାଇଁ ଦିନକୁ ଦିନ ବାଉଁଶ କାରିଗରମାନେ ସେମାନଙ୍କର ଜୀବିକା ହରାଇବାକୁ ବସିଲେଣି। ବିଶେଷକରି ବାଉଁଶ କାମ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା କାରିଗରଙ୍କ ପ୍ରତି ପ୍ରଶାସନିକ ସ୍ତରରେ ଦୃଷ୍ଟି ଦିଆଯାଉନଥିବା ଅଭିଯୋଗ ହୋଇଛି। ସେମାନଙ୍କୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ପ୍ରୋତ୍ସାହନ ଯୋଗାଇବା ହେଉ କି ପ୍ରସ୍ତୁତ କରୁଥିବା ବାଉଁଶ ସାମଗ୍ରୀର ଉଚିତ ପ୍ରାପ୍ୟ ପ୍ରଦାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଦିର୍ଘ ଦିନ ଧରି ଏଭଳି ବିଭିନ୍ନ ସମସ୍ୟା କାରଣରୁ ଏହା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ଦଳିତ ବର୍ଗର ପରିବାର କ୍ରମଶଃ ନିଜର କୌଳିକ ବୃତ୍ତିରୁ ମୁହଁ ଫେରାଇବାକୁ ବାଧ ହେଉଥିବା କହିଛନ୍ତି ଗେଟ ବଜାରର ବାଉଁଶ କାରିଗର ଟି. ବାବୁ ରାଓ। ସେହିପରି ସମ୍ପ୍ରତି ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗିଁ ଦିନକୁ ଦିନ ବାଉଁଶ କାରିଗରୀ ଲୋପ ପାଇବାକୁ ବସିଛି। ଅତ୍ୟଧିକ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ଓ ପରିଶ୍ରମ ଅନୁସାରେ ରୋଜଗାର ନହେବାରୁ ସଙ୍କଟରେ ଦିନ କାଟୁଛନ୍ତି ବାଉଁଶ କାରିଗର ଓ ସେମାନଙ୍କ ପରିବାର ବର୍ଗ। ସେହିଭଳି ଅନେକେ ଅନ୍ୟ କୌଣସି ରୋଜଗାରର ପନ୍ଥା ଗ୍ରହଣ କରିପାରୁନଥିବାରୁ ବାଧ ହୋଇ କିଛି ପରିବାର ଏହି ବୃତ୍ତିକୁ ମଧ୍ୟ ଛାଡି ପାରୁନଥିବା କହିଛନ୍ତି ବାଉଁଶ କାରିଗର ଟି. ମାଣିକେଶ୍ୱରୀ କହିଛନ୍ତି। ଅପରପକ୍ଷେ ପୁରୁଷାନୁକ୍ରମରେ ସ୍ୱଳ୍ପ ଅର୍ଥ ରୋଜଗାର ହେଲେ ମଧ୍ୟ ଅନେକେ ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି। ସରକାରଙ୍କ ପକ୍ଷରୁ ଏମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ସହ ତାଲିମ ବ୍ୟବସ୍ଥା କରାଗଲେ ଏହି କାରିଗରମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହୋଇପାରନ୍ତା ବୋଲି କହିଛନ୍ତି।

### ପ୍ରସ୍ତୁତ କରୁଛନ୍ତି ଦଳୀୟ ପତାକା ପାଇଁ ବାଡି

### ଅଧିକ ଅନୁଦାନ ଦାବି

# ଛେଳିଗଡ଼ ପ୍ରକଳ୍ପ ବିସ୍ଥାପିତଙ୍କ ରାସ୍ତାରୋକ

ମୋହନା, ୨୨।୪(ସମିସ)

ଅଧିକ ଅନୁଦାନ ରାଶି ପ୍ରଦାନ ସହ ଜମି ଦାବିରେ ରାସ୍ତା ଅବରୋଧ କରିଛନ୍ତି ଗଜପତି ଜିଲ୍ଲା ଛେଳିଗଡ଼ ଜଳସେଚନ ପ୍ରକଳ୍ପ ବିସ୍ଥାପିତ। ୧୫ ଦଫା ଦାବିରେ ସୋମବାର ସକାଳ ୬ଟାରୁ ଛେଳିଗଡ଼ରେ ରାସ୍ତା ଅବରୋଧ କରିବା ସହ ଧାରଣା ଦେଇଥିଲେ ଶତାଧିକ ଲୋକେ। ୨୦୧୩ ସରକାରୀ ନିୟମ ଅନୁଯାୟୀ ସହାୟତା ରାଶି ପ୍ରଦାନ ସହ ଅଧିକ ଜମି ପ୍ରଦାନ ଦାବି କରିଛନ୍ତି ବିସ୍ଥାପିତ। ରାସ୍ତା ଅବରୋଧ ଯୋଗୁଁ ମୋହନାରୁ ପାରଳାଖେମୁଣ୍ଡି ଏବଂ ପାରଳାଖେମୁଣ୍ଡିରୁ ବ୍ରହ୍ମପୁରକୁ ଯାତାୟାତ ବନ୍ଦ ହୋଇଯାଇଥିଲା। ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବା ବେଳେ ଶତାଧିକ ମହିଳା ଓ ପୁରୁଷ ରାସ୍ତା ଉପରେ ବସି ଧାରଣା ଦେଇଥିଲେ। ଖବର ପାଇ ଆର. ଉଦୟଗିରି ବିଡିଓ ଲୋରିମନ ଖର୍ସେଲ, ଥାନା ଅଧିକାରୀ ସବ୍ୟସାଚୀ ମଲ, ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ଯେତେବେଳେ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯାଇ ନାହିଁ ସେତେବେଳ ପର୍ଯ୍ୟନ୍ତ ରାସ୍ତାରୁ ହଟିବୁ ନାହିଁ ବୋଲି ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ଚୈତନ୍ୟ ସାହୁ, ସମ୍ପାଦକ ଈଶ୍ୱର ରଇତ କହିଥିଲେ। ଏହାପରେ ଅପରାହ୍ନ ୩ଟାରେ ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଘଟଣାସ୍ଥଳରେ ପହଞ୍ଚି ନିର୍ବାଚନ ପରେ ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଲୋକଙ୍କ ସହ ଆଲୋଚନା କରି ପଦକ୍ଷେପ ନ ନେବା ପର୍ଯ୍ୟନ୍ତ ପ୍ରକଳ୍ପ କାମ ବନ୍ଦ ରହିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତା ରୋକରୁ ଉଠିଥିଲେ ଲୋକେ। ଆନ୍ଦୋଳନକାରୀ ବିସ୍ଥାପିତ ସଂଗ୍ରାମ ସମିତି ଦାବି କରିଛି ଯେ ପ୍ରକଳ୍ପ ଆରମ୍ଭଠାରୁ କର୍ତ୍ତୃପକ୍ଷ ସେମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଚାଲିଛି। କିଛି ଲୋକଙ୍କୁ ଅଳ୍ପ କିଛି ସହାୟତା ଦେଇ ପ୍ରକଳ୍ପ କାମ ଜାରି ରଖାଯାଇଛି। ଲୋକେ ସେମାନଙ୍କ ହକ୍ ମାଗିଲେ ପ୍ରତିଶ୍ରୁତି ଦେଇ ଭୁଆଁ ବୁଲାଉଛନ୍ତି। ପ୍ରତ୍ୟେକ ବିସ୍ଥାପିତଙ୍କୁ ୨ ଏକର ଜମି ବଦଳରେ ୫ ଏକର, ୨୦ ଲକ୍ଷ ଟଙ୍କା, ଗୃହ ନିର୍ମାଣ ପାଇଁ ୮ ଲକ୍ଷ ଟଙ୍କା, ବିସ୍ଥାପିତ କଲୋନୀକୁ ସ୍ମାର୍ଟ କଲୋନୀ, ବିସ୍ଥାପିତ ପରିବାର ଯୁବକ, ଯୁବତୀଙ୍କୁ ଚାକିରି ଆଦି ୧୫ ଦଫା ଦାବି କରିଛି ବିସ୍ଥାପିତ ସଂଗ୍ରାମ ସମିତି। ଯଦି ନିର୍ବାଚନ ପରେ ପ୍ରଶାସନ ଦାବି ପ୍ରତି ଗୁରୁତ୍ୱ ନଦେଲେ ପୁଣି ରାଜରାସ୍ତାକୁ ଓହ୍ଲାଇବେ ବୋଲି ବିସ୍ଥାପିତ ଚେତାବନୀ ଦେଇଛନ୍ତି।



## ୧୫ ଫୁଟ୍ ଲମ୍ବର କିଙ୍ଗ୍ କୋବ୍ରା ଉଦ୍ଧାର



**ପାରଳାଖେମୁଣ୍ଡି,୨୨।୪(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ୧୫ ଫୁଟ ଲମ୍ବର କିଙ୍ଗ କୋବ୍ରା ଉଦ୍ଧାର କରାଯାଇଛି। କିଙ୍ଗ କୋବ୍ରା ଗୋଷାଣି ଗ୍ରାମର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଏକ ୱାଟର ସର୍ଭିସିଂ ସେଣ୍ଟର୍‌ର ପାଣିକୁଣ୍ଡ ଭିତରେ ରହିଥିବା ଦେଖିଥିଲେ ଲୋକେ। ଗଜପତିରେ ଏହି ସାପ ଧରିବାକୁ ସ୍ନେକ ହେଲ୍ପଲାଇନ କର୍ମଚାରୀ ନ ଥିବା ବେଳେ ବନ ବିଭାଗ ପକ୍ଷରୁ ବ୍ରହ୍ମପୁର ସ୍ନେକ ହେଲ୍ପଲାଇନ ସହ ଯୋଗାଯୋଗ କରାଯାଇଥିଲା। ବ୍ରହ୍ମପୁରରୁ ଏକ ସ୍ୱତନ୍ତ୍ର ଟିମ୍ ଆସିବା ପର୍ଯ୍ୟନ୍ତ ସାପ ଉପରେ ନଜର ରଖିଥିଲେ ମହେନ୍ଦ୍ର ବନାଞ୍ଚଳ ବନ ଅଧିକାରୀ ଅମିତ ଶୁଭ୍ରଜୀତ, ଗାରବନ୍ଧା ସେକ୍ସନର ବନପାଳ ଦୁର୍ଯ୍ୟଧନ ଜେନା ଏବଂ ତାଙ୍କ ଟିମ୍। ବ୍ରହ୍ମପୁର ସ୍ନେକ୍ ହେଲ୍ପଲାଇନ କର୍ମଚାରୀ ପହଞ୍ଚି ସାପକୁ ଧରିବାରେ ସଫଳ ହୋଇଥିଲେ। ପରେ ବନ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ସାପକୁ ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା।

## ୪୦ କ୍ୱିଣ୍ଟାଲ୍ ଗଞ୍ଜେଇ ସହ ୫ଟି ଦେଶୀ ବନ୍ଧୁକ ଜବତ





**ବାଲିଗୁଡ଼ା, ୨୨।୪(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ବାଲିଗୁଡ଼ା ଗଦ୍ରଙ୍ଗିଆ ଘାଟି ନିକଟସ୍ଥ ଇର୍ପିଗୁଡା ଜଙ୍ଗଲରୁ ୪ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବେଆଇନ୍ ଗଞ୍ଜେଇ ବାଲିଗୁଡ଼ା ପୁଲିସ ଜବତ କରିଛି। ସୂଚନା ଅନୁସାରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କନ୍ଧମାଳ ଏସପିଙ୍କ ନିର୍ଦ୍ଦେଶକ୍ରମେ ବାଲିଗୁଡ଼ା ଅଞ୍ଚଳରେ ପୁଲିସ୍ ପାଟ୍ରୋଲିଂ କଡାକଡି କରାଯାଇଛି। ରବିବାର ବାଲିଗୁଡା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଏକ ସ୍ୱତନ୍ତ୍ର ଟିମ୍ ସହ ପାଟ୍ରୋଲିଂ କରୁଥିବା ସମୟରେ ଇର୍ପିଗୁଡା ଜଙ୍ଗଲ ନିକଟରେ କିଛି ବ୍ୟକ୍ତି ବସ୍ତାଗୁଡ଼ିକ ସହ ବସିରହିଥିବା ଦେଖିଥିଲେ। ଆଗରୁ ଇର୍ପିଗୁଡା ଜଙ୍ଗଲରେ ବିପୁଳ ପରିମାଣର ବେଆଇନ୍ ଗଞ୍ଜେଇ ମାଫିଆ ଗଚ୍ଛିତ ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିବାରୁ ବାଲିଗୁଡା ପୁଲିସ୍ ଚଢ଼଼ଉ କରିଥିଲା। କିନ୍ତୁ ଘଟଣା ସ୍ଥଳରୁ ଗଞ୍ଜେଇ ମାଫିଆ ପୋଲିସକୁ ଦେଖି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ୪୦ କ୍ୱିଣ୍ଟାଲ୍ ୬୫୦ ଗ୍ରାମ୍ ଗଞ୍ଜେଇ ସହ ୫ଟି ଦେଶୀ ବନ୍ଧୁକ ଜବତ କରାଯାଇଥିଲା। କିଛି ଦିନ ତଳେ ଗଞ୍ଜେଇ ସହ ୨ଟି ଦେଶୀ ବନ୍ଧୁକ ଜବତ ହୋଇଥିବା ବେଳେ ଏବେ ୫ଟି ଦେଶୀ ବନ୍ଧୁକ ଜବତ ହୋଇଛି। ତେଣୁ ଦିନକୁ ଦିନ ଗଞ୍ଜେଇ ମାଫିଆ ବିପଦଜନକ ହୋଇପଡ଼ିଲେଣି ବୋଲି କୁହାଯାଉଛି। ଏ ନେଇ ବାଲିଗୁଡ଼ା ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ମାଫିଆଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଏସମ୍ପର୍କରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଲିଗୁଡ଼ା ଏସଡିପିଓ ରାହୁଲ ଗୋଏଲ ସୂଚନା ଦେଇଛନ୍ତି।

## ଅଟୋ ସହ ଗଞ୍ଜେଇ ଜବତ; ଜଣେ ଗିରଫ



**ମୋହନା, ୨୨।୪(ସମିସ):** ଗଜପତି ଜିଲ୍ଲା ମୋହନା ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ବେଳେ ରାଜନସାହି ଛକ ନିକଟରୁ ଅଟୋ ସହ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ରାଇଜୁକା ଗ୍ରାମର ହେମନ୍ତ ନାୟକକୁ ଗିରଫ କରି କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ। ଉକ୍ତ ଗଞ୍ଜେଇ ଗଜପତିରୁ ଗଞ୍ଜାମ ଜିଲ୍ଲାକୁ ଚାଲାଣ ହେଉଥିଲା। ଜବତ ଗଞ୍ଜେଇର ଓଜନ ୯୬ କେଜି ହୋଇଥିବା ବେଳେ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ମୋହନା ଅବକାରୀ ଥାନା ଅଧିକାରୀ ସୁଧାଂଶୁ ମୁଣ୍ଡା ସୂଚନା ଦେଇଛନ୍ତି।

### ସାଡ଼ିଙ୍ଗିଆ ପଞ୍ଚାୟତରେ ରାସନ ସାମଗ୍ରୀ ଯୋଗାଇ ଦେବା ଦାବି

## ବ୍ଲକ୍ ଘେରିଲେ ମହିଳା



**ଫିରିଙ୍ଗିଆ, ୨୨।୪(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ କୁହାଯାଉଥିବା ସୁମେରବନ୍ଧ ପଞ୍ଚାୟତ ୧୦ ଓ ୧୧ ୱାର୍ଡ ଅନ୍ତର୍ଗତ ବଜେଡି, ରିବିଲଦା, ଗାଗଡ଼ ପଦର, କଡାଉ, ସୁଫଲା ଓ ଡଙ୍ଗେରି ସାହିର ଲୋକଙ୍କୁ ସାଡିଙ୍ଗିଆ ପଞ୍ଚାୟତରେ ରାସନ ସାମଗ୍ରୀ ଯୋଗାଇ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଶତାଧିକ ମହିଳା ଫିରିଙ୍ଗିଆ ବ୍ଲକ ଘେରାଉ କରିଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ମହିଳା।

ସୂଚନା ଅନୁସାରେ ସୁମେରବନ୍ଧ ପଞ୍ଚାୟତର ଦୁଇଟି ୱାର୍ଡର ପ୍ରାୟ ଦୁଇଶହରୁ ଅଧିକ ପରିବାର ଆଗରୁ ସାଡିଙ୍ଗିଆ ପଞ୍ଚାୟତରେ ଥିବାବେଳେ ରାସନ ସାମଗ୍ରୀ ଆଣିବା ପାଇଁ ସାଡିଙ୍ଗିଆ ପଞ୍ଚାୟତ ପାଖ ହେଉଥିଲା। କିନ୍ତୁ ପଞ୍ଚାୟତ ବିଭାଜନ ହେବାପରେ ସୁମେରବନ୍ଧ ପଞ୍ଚାୟତରେ ସାମିଲ କରାଯାଇଛି। ଏହି ଦୁଇ ୱାର୍ଡର ବାସିନ୍ଦା ସାଡିଙ୍ଗିଆ ପଞ୍ଚାୟତରେ ସାମିଲ ହେବାପାଇଁ ବାରମ୍ବାର ଦାବି କରୁଛନ୍ତି। ଏହି ଦୁଇଟି ୱାର୍ଡରେ ଥିବା ଗାଁର ଦୂରତା ସାଡିଙ୍ଗିଆ ପଞ୍ଚାୟତ ମୁଖ୍ୟାଳୟକୁ ମାତ୍ର ଦୁଇ କିଲୋମିଟର ହେଉଥିବା ବେଳେ ସୁମେରବନ୍ଧ ପଞ୍ଚାୟତକୁ ଦୂରତା ୧୦ କିଲୋମିଟରରୁ ଅଧିକ ହେଉଛି। ସୁମେରବନ୍ଧ ପଞ୍ଚାୟତ ଦୂରତା ଅଧିକ ହେଉଥିବାରୁ ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତାଠାରୁ ଆରମ୍ଭ କରି ରାସନ ସାମଗ୍ରୀ ଆଣିବାକୁ ଯିବା ପାଇଁ ନାହି ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ କରିଛନ୍ତି ମହିଳା। ସେମାନଙ୍କ ଦାବି ପୂରଣ କରା ନ ଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ମହିଳା ଚେତାବନୀ ଦେଇଛନ୍ତି।

## ଦୁଇ ନାବାଳକଙ୍କୁ ଆକ୍ରମଣ ଅଭିଯୋଗ

**ଦାରିଙ୍ଗବାଡ଼ି, ୨୨।୪(ସମିସ):** ଦୁଇ ନାବାଳକଙ୍କୁ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ପ୍ରକାରେ ନାବାଳକ ଦ୍ୱୟ ଖେଳୁଥିବା ସମୟରେ ଭୁଲବଶତଃ ବଡ଼ଚନ୍ଦ୍ରା ନିବାସ ପରିସରକୁ ପ୍ରବେଶ କରିଥିଲେ। ଏଥିରେ ସୁରକ୍ଷା ଦାୟିତ୍ୱରେ ଥିବା ବାଡ଼ାବାଙ୍ଗା ପଞ୍ଚାୟତ ଅନ୍ତର୍ଗତ ସିକକେତା ଗ୍ରାମର ନହ ପ୍ରଧାନ ଅମାନୁଷିକ ଭାବେ ଦୁଇ ଶିଶୁଙ୍କ ପିଟି ଥିଲେ। ଏହି ଘଟଣାକୁ ନେଇ ନାବାଳକର ବାପା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଘଟଣାରେ ଦାରିଙ୍ଗବାଡ଼ି ଥାନାରେ ଏକ ମାମଲା ଦାୟର ହୋଇଛି। ପୁଲିସ ଏସମ୍ପର୍କରେ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

### ● ଆନ୍ଦୋଳନ ପରେ ବ୍ଲକ ବଦଳିଲା

## ବଦଳିଲାନି ତହସିଲ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ

**ଜି.ଉଦୟଗିରି,୨୨।୪(ସମିସ):** ବହୁବାର ଆନ୍ଦୋଳନ ପରେ ଟିକାବାଲି ବ୍ଲକରୁ ଜି.ଉଦୟଗିରି ବ୍ଲକରେ ସାମିଲ ହୋଇଥିଲା ପୁକୁଲିଙ୍ଗିଆ ଗ୍ରାମ। ପଞ୍ଚାୟତ ସହିତ ବ୍ଲକ କାର୍ଯ୍ୟାଳୟ ଅଧିକ ଦୂର ହେଉଥିବାରୁ ୨୦୧୬ରେ ଏହି ଗାଁ ଜି.ଉଦୟଗିରି ବ୍ଲକର କଳିଙ୍ଗା ପଞ୍ଚାୟତରେ ସାମିଲ ହୋଇଥିଲା। ଗ୍ରାମବାସୀ ଭାବିଥିଲେ ଏଥର ବିକାଶ ହେବ। କିନ୍ତୁ ବିକାଶ ହେବା ଦୂରର କଥା ୭ ବର୍ଷ ହେଲା ତହସିଲ କାର୍ଯ୍ୟାଳୟ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ବଦଳି ନାହିଁ। ଏବେ ମଧ୍ୟ ତହସିଲ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ କାମ ପାଇଁ ଟିକାବାଲି ଦୌଡୁଛନ୍ତି। ୭ ବର୍ଷ ହେଲା କାର୍ଯ୍ୟାଳୟ ବଦଳିନି। ଆଉ କେତେ ବର୍ଷ ପରେ ବିକାଶ ଦେଖିବେ ତାହା କଳ୍ପନା ବାହାରେ ବୋଲି କହିଛନ୍ତି ଗ୍ରାମବାସୀ। ବ୍ଲକ ନାମ ବଦଳିବା ଛଡ଼ା ଆଉ କିଛି ବଦଳିନି। ଗ୍ରାମରେ ପାନୀୟ ଜଳ ଅଭାବରୁ ଲୋକେ ଚୁଆ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଗ୍ରାମରେ ଥିବା କୂପର ପାଣି ପାନୀୟ ଯୋଗ୍ୟ ହେଉନାହିଁ। ମୁଖ୍ୟ ରାସ୍ତା ଅଣ ଓସାରିଆ ହୋଇ ରହିଛି। ଗାର୍ଡୱାଲ ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ଦାବି ସତ୍ତ୍ୱେ କିଛି ଫଳ ହେଉନି। ବିଦ୍ୟୁତ ସେବା ନ କହିଲେ ଭଲ। ଲୋଭୋଲଟେଜ ସହିତ ସବୁବେଳେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଷ୍ଟ୍ରିଟ୍ ଲାଇଟ୍ ନାହିଁ। ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ସମାଧାନ କରିବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି।

## ମୋହନା ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଦଣ୍ଡାସୀ ଖଣ୍ଡୁଆଳଙ୍କ ପ୍ରାର୍ଥିପତ୍ର ଦାଖଲ

**ପାରଳାଖେମୁଣ୍ଡି, ୨୨।୪(ସମିସ):** ଗଜପତି ଜିଲ୍ଲା ମୋହନା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଚାଷୀ ନେତା ଦଣ୍ଡାସୀ ଖଣ୍ଡୁଆଳ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।



ଶ୍ରୀ ଖଣ୍ଡୁଆଳ ରାୟଗଡ଼ଠାରୁ ଟ୍ରାକ୍ଟର ଯୋଗେ ନିଜ ଶତାଧିକ ସମର୍ଥକଙ୍କ ସହ ଏକ ପଟୁଆରରେ ବାହାରି ପାରଳାଖେମୁଣ୍ଡିରେ ପହଞ୍ଚିଥିଲେ। ପ୍ରାର୍ଥିପତ୍ର ଭରିବା ପରେ ରିଟର୍ଣ୍ଣିଂ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସଙ୍କଠାରେ ଦାଖଲ କରିଥିଲେ। ନାମାଙ୍କନପତ୍ର ଦାଖଲ ବେଳେ ବହୁ ଚାଷୀ ନେତା ଉପସ୍ଥିତ ଥିଲେ। ଏହି ଅବସରରେ ଚାଷୀନେତା ରଞ୍ଜିତ ପଟ୍ଟନାୟକଙ୍କ ସମେତ ବହୁ ସଂଖ୍ୟକ ସମର୍ଥକ ଉପସ୍ଥିତ ଥିଲେ।

## ଅଟୋ ଭଡ଼ା ବୃଦ୍ଧିକୁ ବିରୋଧ କରି ରାସ୍ତାରୋକ

**ଦାରିଙ୍ଗବାଡ଼ି, ୨୨।୪(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଭ୍ରମରବାଡ଼ି ପଞ୍ଚାୟତ ବୁଢ଼ାନପିପାଲି ଗ୍ରାମବାସୀଙ୍କ ସମେତ କେରୁବାଡ଼ି ଏବଂ ଆଖପାଖ ଲୋକେ ଲକ୍ଷ୍ମୀ ବସ୍ ଦାରିଙ୍ଗବାଡ଼ିରୁ କେରୁବାଡ଼ି ପର୍ଯ୍ୟନ୍ତ ଯିବା ପାଇଁ ଦାବି କରିବା ସହ ଅଟୋ ଭଡ଼ା ବୃଦ୍ଧିକୁ ବିରୋଧ କରି କାଠ ପକାଇ ରାସ୍ତାରୋକ କରିଥିଲେ। ଭ୍ରମରବାଡି ପଞ୍ଚାୟତରେ କେରୁବାଡିରେ ୭ଟି ପଞ୍ଚାୟତ ରହିଛି। ଏଥିପାଇଁ ପ୍ରତିଦିନ ପାଞ୍ଚଶହରୁ ଅଧିକ ଲୋକ ବ୍ଲକ ହେଡ୍‌କ୍ୱାର୍ଟରୁ ଯିବା ଆସିବା କରୁଛନ୍ତି।

**● ଦାରିଙ୍ଗବାଡ଼ିରୁ କେରୁବାଡ଼ି ଲକ୍ଷ୍ମୀ ବସ୍ ଚଳାଚଳ ଦାବି**



ଖବର ପାଇ ଦାରିଙ୍ଗବାଡ଼ି ତହସିଲଦାର ଶରତ ଶବର ଏବଂ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ହଟିଥିଲେ। ଦାବି ମଧ୍ୟରେ ଭ୍ରମରବାଡ଼ିକୁ ଚଳାଚଳ କରୁଥିବା ଲକ୍ଷ୍ମୀ ବସ୍ କେରୁବାଡ଼ିର ଶ୍ରାମବାଡ଼ି ପର୍ଯ୍ୟନ୍ତ ଯିବା ଓ ପାସେଞ୍ଜର ଅଟୋ ଭଡ଼ା ବୃଦ୍ଧି ନ କରିବା ଆଦି ରହିଛି। ପୂର୍ବରୁ ଅଟୋ ଭଡ଼ା ୨୦ ଟଙ୍କା ଥିବାବେଳେ ତାହା ୨୫ରୁ ୩୦ ଟଙ୍କା ନିଆଯାଉଛି। ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମବାସୀ ଲିଖିତ ଦାବିପତ୍ର ତହସିଲଦାର ଶରତ ଶବରଙ୍କୁ ପ୍ରଦାନ କରିଥିଲେ। ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ନାବାଳିକାଙ୍କୁ ଗର୍ଭବତୀ କରି ଫେରାର ଥିବା ଅଭିଯୁକ୍ତ ଗିରଫ



**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୨।୪(ସମିସ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଜଣେ ୧୬ ବର୍ଷିୟା ନାବାଳିକାଙ୍କୁ ପ୍ରଥମେ ପ୍ରେମ ଓ ପରେ ଶାରୀରିକ ସମ୍ପର୍କ ସ୍ଥାପନ କରି ଗର୍ଭବତୀ କରି ଫେରାର ଥିବା ବିବାହିତ ଯୁବକକୁ ବ୍ରାହ୍ମଣୀଗାଁ ପୁଲିସ ଭୁବନେଶ୍ୱରରୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ଯୁବକ ଜଣକ ଉକ୍ତ ଥାନା ଅଞ୍ଚଳର ସାନୁ ପାତ୍ର ବୋଲି ଥାନା ଅଧିକାରୀ ଚିରଞ୍ଜିବୀ ବେହେରା କହିଛନ୍ତି। ଅଭିଯୁକ୍ତ ବିବାହିତ ହୋଇଥିବା ବେଳେ ତାଙ୍କର ୨ଟି ସନ୍ତାନ ରହିଥିବା ପୁଲିସ କହିଛି। ସାନୁଙ୍କ ନାମରେ ମାର୍ଚ୍ଚ ୧୮ରେ ଥାନାରେ ନାବାଳିକାଙ୍କ ପରିବାର ପକ୍ଷରୁ ଏତଲା ଦିଆଯାଇଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସାନୁ ଗିରଫ ଭୟରେ କୌଣସି ସୂତ୍ରରୁ ଖବର ପାଇ ରାଜ୍ୟ ବାହାରକୁ ଚାଲିଯାଇଥିଲେ। ପୁଲିସ ସାନୁର ଫୋନ ଟ୍ରାକ୍ କରି ଧରିବାକୁ ଉଦ୍ୟମ କରି ରାଜ୍ୟ ବାହାରକୁ ଯିବାକୁ ବାହାରିଥିଲେ। ତେବେ ସାନୁ ଭୁବନେଶ୍ୱର ଫେରିଆସିଥିବା ପୁଲିସ ଜାଣି ସେଠାକୁ ଯାଇ ଧରିବାରେ ସଫଳ ହୋଇଥିଲା।

## ‘ଘର ହିଁ ବିଦ୍ୟାଳୟ’ କାର୍ଯ୍ୟକ୍ରମ



**ଜି.ଉଦୟଗିରି, ୨୨।୪(ସମିସ):** ଶିଶୁ ବାଟିକା ବିଭାଗର ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଜି. ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ସଙ୍କୁଳ ପ୍ରମୁଖ ପବିତ୍ର କୁମାର ସାହୁ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଘରୋଇ ବିଦ୍ୟାଳୟର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଦକ୍ଷିଣ ପୂର୍ବ ସମ୍ଭାଗର ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ଅରୁଣ କୁମାର ବାଗ ଯୋଗଦାନ ପୂର୍ବକ ପିତୃମାତୃ ମଣ୍ଡଳୀକୁ କାର୍ଯ୍ୟକ୍ରମର ରୂପରେଖ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷା ପ୍ରାଧାପକ ଲଡୁକେଶ୍ୱର ରଥ ଆଶୀର୍ବଚନ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାସ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ରଖିଥିଲେ। ଅନୁଷ୍ଠାନର ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରାତଃ ପର୍ଯ୍ୟାୟ ବରିଷ୍ଠ ଆଚାର୍ଯ୍ୟା ରଶ୍ମିତା ପାଣିଗ୍ରାହୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା କାର୍ଯ୍ୟକ୍ରମରେ ପ୍ରତିଭାଗି ଥିଲେ।

## ବଇରୀକୁମ୍ପା ପାନୀୟ ଜଳ ପ୍ରକଳ୍ପ କାମ ଆରମ୍ଭ

ଫିରିଙ୍ଗିଆ, ୨୨।୪(ସମିସ)

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡ଼ା ପଞ୍ଚାୟତ ବଇରୀକୁମ୍ପା ଗାଁରେ ୩ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ବସୁଧା ଜଳ ଅମଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ପ୍ରଶାସନିକ ଅବହେଳାରୁ ଲୋକଙ୍କ ପାଖକୁ ପାଣି ନ ପହଞ୍ଚି ପାରି ଆବଶ୍ୟକ ଜିନିଷ ଓ ଯନ୍ତ୍ରପାତି ନଷ୍ଟ ହେଉଛି। ଅନ୍ୟପକ୍ଷେ ବଇରୀକୁମ୍ପା ଗାଁ ସହ ଆଖପାଖ ଗାଁ ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨ ବର୍ଷରୁ ଅଧିକ ଗ୍ରାମବାସୀ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ବର୍ତ୍ତମାନ ଖରା ଦିନ ହୋଇଥିବାରୁ ପାଣି ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପରତା ଦେଖାଇବା ସହ ପୁଣି ଥରେ ବସୁଧା ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଛି। ଖରା ବଢ଼ିବା ସାଙ୍ଗକୁ ପାଣି ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ କାମ ଆରମ୍ଭ ହୋଇଥିବାରୁ ଲୋକେ ତୁରନ୍ତ ପାଣି ମିଳିପାରିବ ବୋଲି ଆଶା ପ୍ରକାଶ କରିଛନ୍ତି। ବର୍ତ୍ତମାନ ବଇରୀକୁମ୍ପା ଗାଁ ସହ ବଳରାମପୁର, ଶଗଡ଼ିପଦା, ସାସିପଙ୍ଗା ଗ୍ରାମବାସୀ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।





### ବିଲରେ କାମ କରୁଥିବାବେଳେ ଅଘଟଣ

# ବିଦ୍ୟୁତ୍ ଆଘାତରେ ବାପ ମୃତ; ପୁଅ ଗୁରୁତର

ସାନଖେମୁଣ୍ଡି, ୨୨।୪(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ତଥା ହିଞ୍ଜିଳି ଥାନା ଅନ୍ତର୍ଗତ ଆଡ଼ପଡ଼ା ଗ୍ରାମରେ ସୋମବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ବିଲରେ କାମ କରୁଥିବାବେଳେ ବିଦ୍ୟୁତ୍ ଆଘାତରେ ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ଆଡ଼ପଡ଼ା ଗାଁର କୋରା ବେହେରା ଏବଂ ଗୁରୁତର ଜଣକ ତାଙ୍କ ପୁଅ ତୋଫାନ ବେହେରା। ପୁଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନାନୁସାରେ କୋରା ନିଜ ବିଲରେ ପରିବା ଚାଷ କରିଥିବାରୁ ସୋମବାର ସକାଳେ ସେ ଏବଂ ତାଙ୍କ ପୁଅ ତୋଫାନ ମିଶି ପାଣି ମଡ଼ାଇବା ପାଇଁ ଯାଇଥିଲେ। ବିଲରେ ପମ୍ପ ଯୋଗେ ପାଣି ମଡ଼ାଉଥିବାବେଳେ ବିଲ ଉପର ଦେଇ ଯାଇଥିବା ବିଦ୍ୟୁତ୍ ତାର ହଠାତ୍ ଛିଡି ପଡ଼ି କୋରାଙ୍କ ଉପରେ ପଡ଼ିଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ତୋଫାନ ମଧ୍ୟ ଗୁରୁତର ହୋଇଥିଲେ। ପାଖ ବିଲରେ କାମ କରୁଥିବା ଲୋକମାନେ ଉଭୟ ବାପ-ପୁଅଙ୍କୁ ଉଦ୍ଧାର କରି ଆଡ଼ପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର କୋରାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ତୋଫାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ବିଦ୍ୟୁତ୍ ବିଭାଗର ଅପାରଗତା ଯୋଗୁଁ ଏଭଳି ଘଟଣା ଘଟିଲା ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି। ଗାଁ ଲୋକଙ୍କ ଅଭିଯୋଗ ହେଲା ଯେ, ଗାଁ ଦେଇ ଯାଇଥିବା ବିଦ୍ୟୁତ୍ ତାରଗୁଡ଼ିକ



ଦୀର୍ଘ ବର୍ଷ ହେଲା ଖରା, ବର୍ଷା ସହି ଦୁର୍ବଳ ହୋଇପଡ଼ିଛି। ତେଣୁ ଏଗୁଡ଼ିକ ପରିବର୍ତ୍ତନ ପାଇଁ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ବିଭାଗ ଅବହେଳା କରି ଆସୁଛି। ରବିବାର ସନ୍ଧ୍ୟାରେ ଆଡ଼ପଡ଼ା ଅଞ୍ଚଳରେ ଝଡ଼ ବର୍ଷା ହୋଇଥିଲା। ତେଣୁ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ବିପଦସଂକୁଳ ଅବସ୍ଥାରେ ରହିଥିଲା। ସୋମବାର ସକାଳୁ କୋରା କାମ କରୁଥିବାବେଳେ ତାଙ୍କ ଉପରେ ହଠାତ୍ ଏହି ତାର ଛିଡ଼ି ପଡ଼ିଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଜଣେ ନିରୀହ ଚାଷୀଙ୍କ ଜୀବନ ଯାଇଛି। ତୁରନ୍ତ ତାଙ୍କ ପରିବାରକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷେ ଦୁର୍ଘଟଣାର ସୂଚନା ପାଇ ସାନଖେମୁଣ୍ଡି ବିଧାୟିକା ପ୍ରାର୍ଥିନୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଆଡ଼ପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

- ବିଦ୍ୟୁତ୍ ବିଭାଗକୁ ଦାୟୀ କଲେ ଗାଁ ଲୋକେ
- ମୃତକଙ୍କ ପରିବାରକୁ ଭେଟିଲେ ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି



## ଜଗନ୍ନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ଲୋକାର୍ପଣ



ଶେରଗଡ଼, ୨୨।୪(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗତବର୍ଷ ମେ ୭ ତାରିଖରେ ହିଞ୍ଜିଳି ଓ ଶେରଗଡ଼ ବ୍ଲକ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ସେ ବିଭିନ୍ନ ଧାର୍ମିକ ଏବଂ ଶିକ୍ଷାନୁଷ୍ଠାନ ବୁଲି ଦେଖିଥିଲେ। ଏହା ପରେ ବିଭିନ୍ନ ଧାର୍ମିକ ଓ ଶିକ୍ଷାନୁଷ୍ଠାନର ସୌନ୍ଦର୍ଯ୍ୟକରଣ ଲାଗି ଅର୍ଥ ମଞ୍ଜୁର ହୋଇଥିଲା। ଏହି ଅବସରରେ ଶେରଗଡ଼ ଜଗନ୍ନାଥ ମନ୍ଦିରକୁ ଆସିଥିବା ଅନୁଦାନରେ ମନ୍ଦିରର ସୌନ୍ଦର୍ଯ୍ୟକରଣ ଏବଂ ପୁନରୁଦ୍ଧାର କରାଯାଇଥିଲା। ଏହି ଅବସରରେ ସୋମବାର ଶେରଗଡ଼ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପୂଜାର ଆୟୋଜନ କରାଯାଇଥିଲା। ଏଥିରେ ମନ୍ଦିରର ପୃଷ୍ଠପୋଷକ ତଥା ଶେରଗଡ଼ ରାଜା ସାହେବ ପୂର୍ଣ୍ଣଚନ୍ଦ୍ର ସିଂଦେଓ ଏବଂ ପ୍ରସନ୍ନ ସିଂଦେଓ ମୁଖ୍ୟକର୍ତ୍ତା ଭାବେ ଅଭିଷିକ୍ତ ହୋଇଥିଲେ। ପୁରୋହିତ ରଙ୍ଗାଧର ସାମନ୍ତରାୟଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମାପନ କରାଯାଇଥିଲା।

ଏହି ଅବସରରେ ଶେରଗଡ଼ ବ୍ଲକ ବିଜେଡି ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା। ସେହିପରି ଶେରଗଡ଼ ବ୍ଲକର କରଡାକଣା ଜଗନ୍ନାଥ ମନ୍ଦିର, ଅଲାରିଗଡ଼ ସ୍ୱପ୍ନେଶ୍ୱର ମନ୍ଦିର, ପିତ୍ତଳ ଜଗନ୍ନାଥ ମନ୍ଦିର ଏବଂ ଉତ୍ତରେଶ୍ୱର ମନ୍ଦିର, ନରେନ୍ଦ୍ରପୁର ପଞ୍ଚାୟତର କରଞ୍ଜେଇ, ଧବଳପୁର ଝିଙ୍କାରିଆ ମନ୍ଦିରରେ ସ୍ୱତନ୍ତ୍ର ପୂଜା ପାଠର ଆୟୋଜନ କରାଯାଇଥିଲା।

## ଭଞ୍ଜନଗର ବିକାଶ ପରିଷଦର ନିର୍ବାଚନୀ ଇସ୍ତାହାର



ଭଞ୍ଜନଗର, ୨୨।୪(ସମିସ): ସ୍ଥାନୀୟ ରେଡ଼କ୍ରସ ରୋଡ୍ ଶିଶୁ ପାର୍କଠାରେ ଏକ ସାମ୍ବାଦିକ ସମ୍ମିଳନୀ ଭଞ୍ଜନଗର ବିକାଶ ପରିଷଦ ଦ୍ୱାରା ଆୟୋଜିତ ହୋଇଥିଲା। ପରିଷଦର ସଭାପତି ସୋମନାଥ ନାୟକ, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ବି. ସୁଶାନ୍ତ ପାତ୍ର, ସଭ୍ୟ ଗୋପାଳ ଚନ୍ଦ୍ର ଲେଙ୍କା, ଆଚାର୍ଯ୍ୟ ରବିନାରାୟଣ ସାମନ୍ତ ମଞ୍ଚାସୀନ ଥିଲେ। ପଣ୍ଡିତ ବିପ୍ରଚରଣ ସାହୁ, ପ୍ରତାପ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଘୁମୁସର ବିକାଶ ପରିଷଦ ସାମ୍ବାଦିକ ମାନଙ୍କ ସମ୍ମୁଖରେ ତାର ୨୫ଦଫା ସମ୍ବଳିତ ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରି ରାଜନୈତିକ ଦଳର ପ୍ରାର୍ଥୀମାନଙ୍କୁ ଆହ୍ୱାନ କରିଛି। ଏଇ ଇସ୍ତାହାରକୁ ନିଜ ନିର୍ବାଚନୀ ଇସ୍ତାହାରରେ ସ୍ଥାନିତ କରି ଘୁମୁସରବାସୀଙ୍କ ଆସ୍ଥା ଭାଜନ ହେବା ପାଇଁ ଘୁମୁସର ଅଞ୍ଚଳର ଉନ୍ନତି ସକାଶେ ବିଧାୟକ ନିର୍ବାଚିତ ହେଲେ ଏହି ଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଛି। ପ୍ରମୁଖ ଦାବି ଭିତରେ ରହିଛି ଘୁମୁସର ଜିଲ୍ଲା ତୁରନ୍ତ ଘୋଷଣା ପାଇଁ ସରକାରଙ୍କ ନିକଟରେ ଦାବି କରିବା, କବିସମ୍ରାଟ ମହାବିଦ୍ୟାଳୟକୁ ସ୍ୱୟଂଶାସିତ କରିବା, ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରିବା, ଜଗନ୍ନାଥପ୍ରସାଦ ଓ ସୋରଡ଼ାର ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳକୁ ପକ୍କା ରାସ୍ତା ନିର୍ମାଣ ସାଙ୍ଗକୁ ବିଦ୍ୟୁତ୍‌କରଣ ଓ ପାନୀୟ ଜଳ ଯୋଗାଇବାର ନିଶ୍ଚିତ ବ୍ୟବସ୍ଥା କରିବା, ବ୍ରହ୍ମପୁର-ଫୁଲବାଣୀ ପ୍ରସ୍ତାବିତ ରେଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା, ସୁରତ ଦାଦନ ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କରିବା, ବଡ଼ଗଡ଼ ତିନି ଛକିଆରେ ବ୍ଲକ ସ୍ଥାପନ, ଜଗନ୍ନାଥ ପ୍ରସାଦ ଓ ବାଲିପଦରକୁ ଏନ୍‌ଏସି କରିବା ସର୍ବୋପରି ସୋରଡ଼ାକୁ ସବ୍‌ଡିଭିଜନ୍ ଘୋଷଣା କରିବା ଇତ୍ୟାଦି ରହିଛି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଲାଗି ବିଜେଡିର ପ୍ରସ୍ତୁତି

ଶେରଗଡ଼, ୨୨।୪(ସମିସ): ଆସନ୍ତା ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ନିର୍ବାଚନମଣ୍ଡଳୀର ଶେରଗଡ଼ ବ୍ଲକ ଗସ୍ତରେ ଆସୁଛନ୍ତି। ଏହିଠାରୁ ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାର ଶୁଭାରମ୍ଭ କରିବେ ଏବଂ କର୍ମୀମାନଙ୍କୁ ଉତ୍ସାହିତ କରିବେ। ସେଥିଲାଗି ସୋମବାର ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଏବଂ ଶେରଗଡ଼ ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ଏଠାରୁ ପୁଣିଥରେ ବିଧାୟକ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହେଉଛନ୍ତି। ତାଙ୍କୁ ଗତଥର ଅପେକ୍ଷା ଚଳିତ ଥର ଅଧିକ ଭୋଟ ବ୍ୟବଧାନରେ ବିଜୟୀ କରି ଷଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ଦେଖିବା ଲାଗି ସଙ୍କଳ୍ପ ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଶେରଗଡ଼ ଗସ୍ତରେ ଯେପରି କୌଣସି ତ୍ରୁଟି ନହୁଏ ସେଥିପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତଚନ୍ଦ୍ର ମହାପାତ୍ର ପ୍ରକାଶ କରିଥିଲେ। ବୈଠକରେ ବ୍ଲକ ବିଜେଡି ସଭାପତି ଶରତ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର ଓ ସମୀର ପ୍ରଧାନ, ହୀନ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ପାଣିଗ୍ରାହୀଙ୍କ ସହିତ ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧି ଓ ବହୁ ଆଗଧାଡ଼ିର ନେତା ତଥା କର୍ମୀ ଉପସ୍ଥିତ ଥିଲେ।



### ● ନାମାଙ୍କନର ୪ର୍ଥ ଦିବସ

## ପ୍ରାର୍ଥିପତ୍ର ଦାଖଲ କଲେ ୫ ପ୍ରାର୍ଥୀ

ଛତ୍ରପୁର, ୨୨।୪(ସମିସ): ଗଞ୍ଜାମ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଚତୁର୍ଥ ଦିନରେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ୫ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବ୍ରହ୍ମପୁର ବିଧାନସଭା ଆସନ ପାଇଁ ବହୁଜନ ସମାଜ ପାର୍ଟିର ଅରୁଣ କୁମାର ସାହୁ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ସାହୁଙ୍କ ନିକଟରେ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଏହି ବିଧାନସଭା ଆସନ ପାଇଁ ନବଭାରତ ନିର୍ମାଣ ସେବା ଦଳର ମିହିର କୁମାର ସାହୁ ଏବଂ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ ସରିତା ପଣ୍ଡା, ବିଷ୍ଣୁଚରଣ ରଣା ଓ ଜୀବନ ପାତ୍ର ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ପୃଥିବୀ ଦିବସ ପାଳିତ

ଛତ୍ରପୁର, ୨୨।୪(ସମିସ): ଏପ୍ରିଲ ୨୨ ତାରିଖ ସୋମବାର ପୃଥିବୀ ଦିବସ ପାଳନ ଅବସରରେ ମା' ରାମଚଣ୍ଡୀ ଟ୍ରଷ୍ଟ, ପରିଚାଳନା କମିଟି ଓ ପୂଜା କମିଟିର ମିଳିତ ଉଦ୍ୟମରେ ମା' ରାମଚଣ୍ଡୀ ମନ୍ଦିର ପରିସରରେ ରହିଥିବା ପାହାଡ଼ରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯିବା ସହିତ ପରବର୍ତ୍ତୀ ପର୍ଯ୍ୟାୟରେ ବୃକ୍ଷରୋପଣ କରାଯାଇଥିଲା। କ୍ୟାଡର୍ ଏପିପି ରାଜେଶ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ସହଯୋଗର ହାତ ବଢ଼ାଇଥିଲେ ମନ୍ଦିର ପୂଜା କମିଟିର ସଭାପତି ତଥା କରପଡ଼ା ପଞ୍ଚାୟତର ସରପଞ୍ଚ ଅଜୟ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ଦିବାକର ନାୟକ, ଛତ୍ରପୁର ବଜରଙ୍ଗ ଦଳର ଏସ. ରାମକୃଷ୍ଣ ରେଡ୍ଡୀ ତଥା ଆଇଆରଇରେ କାର୍ଯ୍ୟରତ ମନୋରଞ୍ଜନ ନାୟକ, ଟୁଟୁ ନାୟକ ଓ ଅନ୍ୟ ସମାଜସେବୀ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପରିଚାଳକ ସନ୍ତୋଷ ପଣ୍ଡା, ଏସ. ରବି, ଲକ୍ଷ୍ମୀଧର ପ୍ରଧାନ, ୟୁ. ଶ୍ରୀକାନ୍ତ, ଶଙ୍କର ନାୟକ, ଶ୍ରୀକାନ୍ତ ରାଓ, ରୁଦ୍ର ମିଶ୍ର, ମାଧବ ସାସମଲ, ମନୋଜ ମିଶ୍ର, ସୁଧୀର ମହାରଣା, ଦଣ୍ଡପାଣି ମହାରଣା, ଶିବରାମ ନାୟକ, ବରୁଣ ନାୟକ, ଗୋପାଳ ନାୟକ ଓ ଉପେନ୍ଦ୍ର ବେହେରା ପ୍ରମୁଖଙ୍କର ବିଶେଷ ଅବଦାନ ରହିଥିଲା। ପରିଶେଷରେ ବିମଳ ପଣ୍ଡା ଧନ୍ୟବାଦ ଦେଇଥିଲେ।




## ଦୁଇ ବାଇକ୍ ମୁହାଁମୁହିଁ; ୪ ଗୁରୁତର

ମୋହନା, ୨୨।୪(ସମିସ): ଗଜପତି ଜିଲ୍ଲା ମୋହନା ଥାନା ଚାନ୍ଦିପୁଟ ଚର୍ଚ୍ଚ ସମ୍ମୁଖରେ ସୋମବାର ସନ୍ଧ୍ୟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ମାନେ ହେଲେ ପଥରଗଡ଼ ଗ୍ରାମର ପ୍ରକାଶ ଶବର, କୁମନ୍ତି ଶବର, କୀର୍ତ୍ତିଙ୍ଗ ଗ୍ରାମର ଅରୁଣ ନାୟକ ଏବଂ ବାଲିପଙ୍କ ଗ୍ରାମର ଟିଟୁ ମାଳି। ଉଭୟ ବାଇକ ଚାଳକ ଚନ୍ଦ୍ରଗିରି ଏବଂ ଚାନ୍ଦିପୁଟ ପଟୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ପରସ୍ପର ସହ ମୁହାଁମୁହିଁ ଧକ୍କା ହୋଇଥିବା ସୂଚନା ମିଳିଛି। ଆହତଙ୍କୁ ପ୍ରଥମେ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୋହନା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।



## ସ୍ୱପ୍ନେଶ୍ୱର ମନ୍ଦିରରୁ ଚୋରି

ସାନଖେମୁଣ୍ଡି, ୨୨।୪(ସମିସ): ପାଟପୁର ଥାନା ନରସିଂହଗଡ଼ ଗ୍ରାମ ନିକଟରେ ଥିବା ସ୍ୱପ୍ନେଶ୍ୱର ମନ୍ଦିରରୁ ରବିବାର ବିଳମ୍ବିତ ରାତ୍ର ଚୋରି ହୋଇଛି। ସୋମବାର ଭୋରରୁ ମନ୍ଦିର ପୂଜକ ମନ୍ଦିରକୁ ଯାଇଥିବା ସମୟରେ ମନ୍ଦିରର କବାଟ ଖୋଲାଥିବା ଦେଖିଥିଲେ। ଏନେଇ ସେ ଗ୍ରାମରେ ଜଣାଇଥିଲେ। ଗାଁ ଲୋକ ଦେଖିବାବେଳକୁ ମନ୍ଦିରର ତାଲା ଭଙ୍ଗାଯିବା ସହ ମନ୍ଦିର ବାହାରେ ଲାଗିଥିବା ସିସିଟିଭିକୁ ଭଙ୍ଗା ଯାଇଥିବା ଜଣାପଡ଼ିଥିଲା। ଏଥିସହ ମନ୍ଦିର ଭିତରେ ଥିବା ଆଲମାରୀକୁ ଉଠାଇ ନେଇ ନିକଟରେ ଥିବା ଏକ ଚାଷ ଜମିରେ ଏହାକୁ ଭାଙ୍ଗି ସେଥିରେ ଥିବା ଟଙ୍କା ଓ ମନ୍ଦିରର ଅଳଙ୍କାରକୁ ଦୁର୍ବୃତ୍ତମାନେ ନେଇ ଯାଇଥିଲେ। ମନ୍ଦିରର ହୁଣ୍ଡିଗୁଡ଼ିକୁ ଭାଙ୍ଗି ସେଥିରେ ଥିବା ଟଙ୍କା ମଧ୍ୟ ନେଇଯାଇଛନ୍ତି ଦୁର୍ବୃତ୍ତ। ଏନେଇ ପାଟପୁର ଥାନାରେ ଜଣାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡ଼ିଛି।

## ସରିଲା ବିଜେଡିର ପ୍ରଥମ ପର୍ଯ୍ୟାୟ ପ୍ରଚାର

ସୋରଡ଼ା, ୨୨।୪(ସମିସ): ଚଳିତ ଥର ସାଧାରଣ ନିର୍ବାଚନ ପାଇଁ ସୋରଡ଼ା ନିର୍ବାଚନମଣ୍ଡଳୀରେ ବିଜେଡିର ଦଳୀୟ ବିଧାୟକଙ୍କଠାରୁ ଆରମ୍ଭ କରି ବିଧାୟକ ପ୍ରାର୍ଥିନୀ ଓ ସାଂସଦ ପ୍ରାର୍ଥିନୀ ଚଳାଇ ଥିଲେ ମାରାଥନ ପ୍ରଚାର। ପ୍ରଥମେ ଗଞ୍ଜାମ ଜିଲ୍ଲା ସୋରଡ଼ା ବ୍ଲକ ଗୋଛା, ଗାଜଲବାଡ଼ି, ଅସୁରବନ୍ଧ ପଞ୍ଚାୟତ ତଥା ଗଞ୍ଜାମ ଜିଲ୍ଲାର ସୀମାନ୍ତରେ ବିଜୁ ଜନତା ଦଳର ପ୍ରଚାର ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେବା ସହ ବିଧାୟକ ପ୍ରାର୍ଥିନୀ ସଂଘମିତ୍ରା ସ୍ୱାଇଁ, ଆସ୍କା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଯୋଗଦେଇ ଗୋଛା, ଗାଜଲବାଡ଼ି, ଅସୁରବନ୍ଧ ପଞ୍ଚାୟତର ୬୩ନଂ ଜୋନ୍‌ର ଜିଲ୍ଲା ପରିଷଦ ସମରେନ୍ଦ୍ର କୁମାର ସାହୁ, ଗୋଛାର ସମିତି ସଭ୍ୟ ପୂର୍ଣ୍ଣିମା ଦଳବେହେରା ଓ ସରପଞ୍ଚ ତ୍ରିଲୋଚନ ସାହୁ, ଗାଜଲବଡିର ସମିତି ସଭ୍ୟା ମଞ୍ଜୁଳା ନାୟକ, ସରପଞ୍ଚ ରଶ୍ମିତା ଆଚାର୍ଯ୍ୟ ପ୍ରମୁଖ ରହି ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। ସେହିଭଳି ୬୪ ଜୋନ୍‌ର ଜିଲ୍ଲା ପରିଷଦ ରାମ ଶବର, ୬୫ ଜୋନ୍‌ର ପ୍ରଫୁଲ୍ଲ କୁମାର ମହାକୁଡ, ୬୬ ଜୋନ୍‌ର ସୁକୁମାରୀ ମଲିକ ନିର୍ବାଚନୀ ପ୍ରଚାରରେ ଅଂଶଗ୍ରହଣ କରିଥିଲେ। ଏଣୁ ସମଗ୍ର ବ୍ଲକର ଜନସାଧାରଣ ବିଜେଡି ପ୍ରାର୍ଥୀଙ୍କୁ ବହୁମତ ଦେଇ ବିଜୟୀ କରିବା ପାଇଁ ଅହରହ ଉଦ୍ୟମ ଜାରି ରଖିଛନ୍ତି ବୋଲି ଦଳର ସଭାପତି ବସନ୍ତ କୁମାର ସ୍ୱାଇଁ କହିଛନ୍ତି। ଏହା ସହିତ ଏନ୍‌ଏସିରେ ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡାଙ୍କ ବାର୍ଦ୍ଧକ୍ୟ ଆୟୋଜନ କ୍ରମେ ସମସ୍ତ କାଉନସିଲର ଖୁସି ମନାଇ ବାଣ ଫୁଟାଇ ବିଜେଡି କର୍ମୀମାନେ ଉତ୍ସାହିତ ଥିବା ବେଳେ ହର୍ଷୋଲ୍ଲାସରେ ଶେଷ ହୋଇଛି ପ୍ରଥମ ପର୍ଯ୍ୟାୟ ପ୍ରଚାର କାର୍ଯ୍ୟକ୍ରମ। ବ୍ଲକ ଅଧ୍ୟକ୍ଷ ସାଇବାଣୀ ମଲିକଙ୍କ ସହିତ ଆସ୍କା ଚିନି ଶିଳ୍ପ ନିଗମର ସଭାପତି ରବୀନ୍ଦ୍ର କୁମାର ପଣ୍ଡାଙ୍କ ସହିତ ଅନେକ ପଞ୍ଚାୟତର କର୍ମୀ ଓ ସରପଞ୍ଚ ସମିତି ସଭ୍ୟ ଆନନ୍ଦ ଉଲ୍ଲାସର ସହିତ ପାଛୋଟି ନେଇଥିବାବେଳେ ବେଳଗୁଣ୍ଠା ଏନ୍‌ଏସିର ଏକ ନମ୍ବର ୱାର୍ଡର ଦୃଢ଼ ସଂଗଠକ ବଳରାମ ରେଡ୍ଡୀଙ୍କ ନେତୃତ୍ୱରେ ରମେଶ ରେଡ୍ଡୀ, ଭାସ୍କର ରେଡ୍ଡୀ, ଗାଣ୍ଡୁ ରେଡ୍ଡୀ, ଘନଶ୍ୟାମ ରେଡ୍ଡୀ ଓ ୬ ନମ୍ବର ୱାର୍ଡର ଗଣେଶ ସାହୁ, ଶିବ ନାୟକଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ।



### ଦୁଇ ମାସ ହେଲା ସୋଲାର୍ ଟାଙ୍କି ଅଚଳ

# ୪ ଶହ ଲୋକଙ୍କୁ ଗୋଟିଏ ନଳକୂପ ଭରସା

ବେଲଗୁଣ୍ଠା, ୨୨।୪(ସମିସ): ପାନୀୟ ଜଳ ଯୋଗାଣକୁ ସୁଦୃଢ଼ କରିବା ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ପ୍ରଣୟନ ହେଉଥିବା ବେଳେ ସୋଡଙ୍ଗାଇ ଗ୍ରାମରେ ଏହା ପ୍ରହସନରେ ପରିଣତ ହୋଇଛି। ଗତ ଦୁଇମାସରୁ ଊର୍ଦ୍ଧ୍ୱ ହେବ ଏଠାରେ ଥିବା ସୌରଚାଳିତ ପାନୀୟ ପ୍ରକଳ୍ପ ଖରାପ ହୋଇଯାଇଥିବା ଯୋଗୁଁ ଗ୍ରାମବାସୀ ବୁନ୍ଦାଏ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁସାରେ, ୨୦୧୮-୧୯ରେ ବେଲଗୁଣ୍ଠା ବ୍ଲକ ତନରଡା ପଞ୍ଚାୟତର ସୋଡଙ୍ଗାଇ ଗ୍ରାମରେ ଥିବା ଏକ ନଳକୂଅରେ ସୌରଚାଳିତ ଜଳ ଯୋଗାଣ ପ୍ରକଳ୍ପ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ତିଆରି ହୋଇଥିଲା। ପ୍ରତି ୧୦ ଜଣଙ୍କ ଘରକୁ ଗୋଟିଏ ଗୋଟିଏ ଷ୍ଟାଣ୍ଡ ପୋଷ୍ଟ ଦିଆଯାଇ ଜଳଯୋଗାଣ କରାଯାଉଥିଲା। କିନ୍ତୁ ଏହି ପ୍ରକଳ୍ପଟି ଗତ ଦୁଇ ମାସ ହେଲା ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି କାରଣରୁ ଏହା ଖରାପ ହୋଇପଡ଼ିଛି। ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ସହିତ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏନେଇ ଗ୍ରାମବାସୀ ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦେଖା କରି ଦରଖାସ୍ତ ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ମଧ୍ୟ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଏହି ଜଳ ଯନ୍ତ୍ରଣା ଆହୁରି ବଢ଼ିଯାଉଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ୮୦ ପରିବାରର ୪୦୦ ଗ୍ରାମବାସୀ ପାଇଁ ଏବେ ଏକମାତ୍ର ଭରସା ଗୋଟିଏ ନଳକୂପ। ଗ୍ରାମ ମୁଣ୍ଡରେ ଥିବା ନଳକୂପରୁ ପାଣି ବୋହି ଆଣିବାରେ ବରିଷ୍ଠ ନାଗରିକ ତଥା ଅସୁସ୍ଥ ଗ୍ରାମବାସୀଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ତେଣୁ ସମାସ୍ୟାର ତୁରନ୍ତ ଏବଂ ସ୍ଥାୟୀ ସମାଧାନ କରିବା ନେଇ ଦାବି ହୋଇଛି।



# ବିଜେଡି ବିଧାୟକ ପ୍ରାର୍ଥୀ ରୂପେଶ ପାଣିଗ୍ରାହୀଙ୍କ ପ୍ରାର୍ଥିପତ୍ର ଦାଖଲ





- ହଜାର ହଜାର ସମର୍ଥକଙ୍କ ସହ ବିଶାଳ ଶୋଭାଯାତ୍ରା
- ବିଜେଡି ରାଲିକୁ ଦେଖି ବିରୋଧୀ ଛାନିଆ

**ପାରଳାଖେମୁଣ୍ଡି,୨୨।୪(ସମିସ):** ବିଜେଡି ସମର୍ଥକଙ୍କ ବିଶାଳ ସମାବେଶ ଦେଖି ବିରୋଧୀ ଛାନିଆ ହୋଇପଡ଼ିଥିବା ଆଲୋଚନା ହେଉଛି। ନାମାଙ୍କନପତ୍ର ଦାଖଲ ସମାବେଶରେ ସାମିଲ ହେଲେ ହଜାର ହଜାର ସମର୍ଥକ। ବିଶାଳ ସମାବେଶ ଗହଣରେ ଆସି ପ୍ରାର୍ଥିପତ୍ର ଦାଖଲ କଲେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଇଂ. ରୂପେଶ କୁମାର ପାଣିଗ୍ରାହୀ। ପାରଳା ବିଧାନସଭା ନିର୍ବାଚନ ମଣ୍ଡଳୀର କାଶୀନଗର, ଗୁମ୍ମା, ଗୋଷାଣି ବ୍ଲକ ଏବଂ ପାରଳା ପୌର ପରିଷଦ ଓ କାଶୀନଗର ଏନ୍ଏସିର କୋଣ ଅନୁକୋଣରୁ ହଜାର ହଜାର ସମର୍ଥକଙ୍କ ଭିଡ଼ରେ ଉଚ୍ଛୁଳି ପଡ଼ିଥିଲା ସହର। ଯେଉଁଆଡ଼େ ଦେଖିଲେ ବିଜେଡି ପତାକା ଓ ଶୁଣାଯାଉଥିଲା ନବୀନ ପଟ୍ଟନାୟକଙ୍କ ଜିନ୍ଦାବାଦ ନାରା। ପ୍ରକମ୍ପିତ ହେଉଥିଲା ସହରାଞ୍ଚଳ। ତା' ସାଙ୍ଗକୁ ରୂପେଶ ଭାଇ ଜିନ୍ଦାବାଦ ଧ୍ୱନୀ ମଧ୍ୟ ପ୍ରକମ୍ପିତ ହୋଇଥିଲା। ଆଦିବାସୀ ପାରମ୍ପରିକ ବାଦ୍ୟ ବାଜନା ଓ ନୃତ୍ୟର ତାଳେ ତାଳେ ନାଚିଉଠୁଥିଲେ ସମର୍ଥକ। ଏପରି ଚଳଚଞ୍ଚଳ ମଧ୍ୟରେ ବିଜେଡି ବିଧାୟକ ପ୍ରାର୍ଥୀ ରୁପେଶଙ୍କ ନାମାଙ୍କନ ରାଲି ବାହାରିଥିଲା। ନଗର ପରିକ୍ରମା ପରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ କରିଥିଲେ ବିଧାୟକ ପ୍ରାର୍ଥୀ ରୁପେଶ ପାଣିଗ୍ରାହୀ। ରିଟର୍ଣ୍ଣି ଅଧିକାରୀ ତଥା ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କଠାରେ ନାମାଙ୍କନପତ୍ର ଦାଖଲ କରିବା ପରେ ସତ୍ୟପାଠ କରାଇଥିଲେ ଉପଜିଲ୍ଲାପାଳ। ନବୀନ ବାବୁଙ୍କ ଆସ୍ଥାଭାଜନ ହୋଇଥିବାରୁ କୃତଜ୍ଞତା ଜଣାଉଛି। ତାଙ୍କର ଲୋକାଭିମୁଖୀ ଯୋଜନା ଯୋଗୁଁ ସେ ଷଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ବିଧାୟକ ଭାବେ ନିର୍ବାଚିତ ହେଲେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ବିକାଶ ଧାରାକୁ ଆଗେଇ ନେବି। ବର୍ତ୍ତମାନ ରାଜ୍ୟ ସରକାର ପାରଳା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବହୁ ଉନ୍ନୟନ କାର୍ଯ୍ୟ କରିଛନ୍ତି। ଆଗକୁ ମଧ୍ୟ ବିକାଶ ଧାରା ଜାରି ରହିବ ବୋଲି ଶ୍ରୀ ପାଣିଗ୍ରାହୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ପୂର୍ବତନ ବିଧାୟକ କେ.ସୁରିୟା ରାଓ, ଜିଲ୍ଲା ଯୁବ ବିଜେଡି ସଭାପତି ଏସ୍.ଲିଙ୍ଗରାଜୁଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ନେତୃବୃନ୍ଦ, ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ସ୍ଥାନୀୟ ନେତାଗଣ, ହଜାର ହାଜର ସଂଖ୍ୟକ ସମର୍ଥକ ସାମିଲ ହୋଇଥିଲେ।


ଦିଗପହଣ୍ଡି ବିଜେଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ରଙ୍କ ନାମାଙ୍କନ ପୂର୍ବରୁ ପୂଜାର୍ଚ୍ଚନା


ନାମାଙ୍କନ ପାଇଁ ବିଶାଳ ଶୋଭାଯାତ୍ରା

## ବିଜେଡିର ପ୍ରଫୁଲ୍ଲ ଓ ପ୍ରଭୁଙ୍କ ନାମାଙ୍କନ ଦାଖଲ

**କୋରାପୁଟ,୨୨।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ସୋମବାର ପଞ୍ଚମ ଦିନରେ ପଟ୍ଟାଙ୍ଗି (ଏସଟି-୧୪୫) ବିଧାନସଭା ଆସନ ପାଇଁ ବିଜୁ ଜନତା ଦଳର ପ୍ରାର୍ଥୀ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି କୋରାପୁଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶ୍ରୀ ପାଙ୍ଗି ୭ ହଜାରରୁ ଉର୍ଦ୍ଧ୍ୱ ଦଳୀୟ ନେତା, କର୍ମୀ ଓ ସମର୍ଥକଙ୍କ ଗହଣରେ କୋରାପୁଟରେ ପହଞ୍ଚିଥିଲେ। ରେଳବାଇ ଛକରୁ ଆଦିବାସୀ ନୃତ୍ୟ ବାଜା ସହ ଏକ ବିରାଟ ଶୋଭାଯାତ୍ରାରେ ଆସି ସହକାରୀ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ସଂଯୁକ୍ତା ବା'ଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ପଟ୍ଟାଙ୍ଗି ବିଧାୟକ ପିତମ୍ ପାଢ଼ି, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ବିଜେଡି ମହିଳା ପର୍ଯ୍ୟବେକ୍ଷିକା ମିରା ପରିଡ଼ା, ଜିଲ୍ଲା ବିଜେଡି ସଭାପତି ଝିନ ହିକକା, କୋରାପୁଟ ଲୋକସଭା ଆସନ ପ୍ରାର୍ଥିନୀ କୌଶଲ୍ୟା ହିକକା, ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ବାଲା ରାୟ, ଯୁବ ବିଜେଡି ଜିଲ୍ଲା ସଭାପତି ଲଲାଟ ରଞ୍ଜନ ସେଠୀ, ରାଜ୍ୟ ସମ୍ପାଦକ ଅମିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ବିଜୁ ଜନତା ଦଳ ପକ୍ଷରୁ ପୁନର୍ବାର ପ୍ରାର୍ଥୀ ହୋଇଥିବା ବିଧାୟକ ପ୍ରଭୁ ଜାନି ସୋମବାର ସମର୍ଥକ ଓ ପ୍ରସ୍ତାବକଙ୍କ ସହ ପହଞ୍ଚି ନିର୍ବାଚନ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତଙ୍କ ନିକଟରେ ୧ ସେଟ୍ ନାମାଙ୍କନ ଦାଖଲ କରିଥିବା ଜଣାପଡ଼ିଛି। ସେହିପରି କୋରାପୁଟ ବିଧାନସଭା ଆସନ ନିମନ୍ତେ ଫରୱାର୍ଡ ବ୍ଲକ୍ ପ୍ରାର୍ଥୀ ଧନୁର୍ଜୟ ହନ୍ତାଳ ସମର୍ଥକଙ୍କ ଗହଣରେ ଆସି ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ବେଣୁଧର ଶବରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। କୋରାପୁଟ ତହସିଲଦାର ସୟଦ ସବୀର ଶାହା କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ। ଅନ୍ୟପକ୍ଷରେ ଲକ୍ଷ୍ମୀପୁର ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ପବିତ୍ର ସାଉନ୍ତା ସହସ୍ରାଧିକ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଆସି ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପିସିସି ରାଜ୍ୟ ସାଧାରଣ ସମ୍ପାଦକ ଜଗଦିଶ ଖୋସ୍ଲା, ସମ୍ପାଦକ ରୂପକ ତୁରୁକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ନାମାଙ୍କନ ଦାଖଲ କରିବା ପରେ ସମସ୍ତ ପ୍ରାର୍ଥୀ ସଭାନେତ୍ରୀ ସମର୍ଥକଙ୍କ ସହ ସହର ପରିକ୍ରମା କରିଥିଲେ।

## ପଞ୍ଚମଦିନରେ ୨ ଲୋକସଭା ପ୍ରାର୍ଥୀ ଓ ୪ ବିଧାନସଭା ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ



**ନବରଙ୍ଗପୁର,୨୨।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବିଜ୍ଞପ୍ତି ପ୍ରକାରେ ଚଳିତ ମାସ ୧୮ ରୁ ନବରଙ୍ଗପୁର ଜିଲ୍ଲାରେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲାରେ ଗୋଟିଏ ଲୋକସଭା ଏବଂ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଥିବାବେଳେ ସେଥିମଧ୍ୟରୁ ସୋମବାର ଅର୍ଥାତ୍ ନାମାଙ୍କନପତ୍ର ଦାଖଲର ୫ମ ଦିନରେ ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀର ଦୁଇ ଜଣ ଲୋକସଭା ପ୍ରାର୍ଥୀ ନିଜର ନାମାଙ୍କନପତ୍ର ଦାଖଲ କରିଥିବାବେଳେ ୪ଜଣ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝୀ ନବରଙ୍ଗପୁର ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଡ. କମଳ ଲୋଚନ ମିଶ୍ରଙ୍କ ନିକଟରେ ନିଜର ନାମାଙ୍କନପତ୍ର ଦାଖଲ କରିଥିବାବେଳେ କମ୍ୟୁନିଷ୍ଟ ପାର୍ଟି ଲୋକସଭା ପ୍ରାର୍ଥୀ ଭାବରେ ତ୍ରିନାଥ ମୁଣ୍ଡା ଗୁଡ଼ିଆ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ନିତ୍ୟା ଗଣ୍ଡ ନିଜର ନାମାଙ୍କନପତ୍ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକଙ୍କ ନିକଟରେ ଦାଖଲ କରିଥିବାବେଳେ ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ସୋମନାଥ ପୂଜାରୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରଓ୍ୱାନଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥିନୀ ହାରାବତୀ ଗଣ୍ଡ ଏବଂ ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାନସଭା ବିଜେପି ପ୍ରାର୍ଥୀ ନରସିଂହ ଭତରା ନିଜର ନାମାଙ୍କନପତ୍ର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକଙ୍କ ନିକଟରେ ଦାଖଲ କରିଛନ୍ତି।



## ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ ଓ ମିଶ୍ରଣ ପର୍ବ



**ଏମ୍.ଭି-୭୯,(ସମିସ)୨୨।୪:** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ.ଭି ୭୨ ଗ୍ରାମଠାରେ ବିଜୁ ଜନତା ଦଳର ଅସ୍ଥାୟୀ ଦଳୀୟ କାର୍ଯ୍ୟାଳୟ ଉଦଘାଟନ ହେବା ସହ ଜିଲ୍ଲା ସଭାପତି ତଥା ମାଲକାନଗିରି ବିଧାନସଭା ବିଧାୟକ ପ୍ରାର୍ଥୀଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେପି ଓ କଂଗ୍ରେସ ଦଳରୁ ଅନେକ ନେତା ଓ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, କାଲିମେଳା ଜୋନ୍ ୨ ସଂଯୋଜକ ଗୋପାଳକୃଷ୍ଣ ପଣ୍ଡା, ଉପଦେଷ୍ଟା ତପନ ସାନା, ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ପତିତପାବନ ବଇଦ୍ୟ, କାଲିମେଳା ବ୍ଲକ ସଭାପତି ଶରତଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ଇ.ଭେଙ୍କଟ ରାଓ, ସମ୍ପାଦକ ନିରୋଧ ମିସ୍ତ୍ରୀ, ସମ୍ପାଦକ ଶଙ୍କର ହଲଦାର, ପର୍ଯ୍ୟବେକ୍ଷକ ଦୋଷରଥ ମହାନ୍ତ, ମାଲକାନଗିରି ନଗର ସଭାପତି ପି.ସାଇଙ୍କ ସହ ଅନେକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା କରାଯାଇଥିଲା।

## ନିର୍ବାଚନ ପରିଚାଳନା ପ୍ରସ୍ତୁତି ବୈଠକ



**ଡାବୁଗାଁ,୨୨।୪(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ବିଡିଓ ଶରତ ମାଝୀଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଥସ୍ତରୀୟ ଅଧିକାରୀଙ୍କ ଭୋଟ୍ ପୂର୍ବ ଦିବସ ଓ ଭୋଟ୍ ଦିନର କର୍ମ, ଦାୟିତ୍ୱ ଓ କର୍ତ୍ତବ୍ୟ, ଏହାସହ ସେକ୍ଟର ଅଧିକାରୀଙ୍କ କାର୍ଯ୍ୟ, ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ବୁଝାଇଥିଲେ। ସମସ୍ତ ବୁଥସ୍ତରୀୟ ଅଧିକାରୀ ନିଜ ବୁଥ୍ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଏବିଡିଓ ପଦ୍ମନାଭ ତ୍ରିପାଠୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ସୁପରଭାଇଜର ଏ.ଡି ପ୍ରସାଦ, ବିକାଶ ରଞ୍ଜନ ନିଶଙ୍କ, କୃଷ୍ଣଚନ୍ଦ୍ର ପଣ୍ଡା, ରତିକାନ୍ତ ନାୟକ, ଧନସିଂ ତନ୍ତି, ରାଇସିଂ ପୂଜାରୀ, ୭ ଜଣ ସେକ୍ଟର ଅଧିକାରୀ ଓ ୫୫ ଜଣ ବୁଥସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଭୋଟର ସଚେତନତା ରଥ ଉଦଘାଟିତ

ଡାବୁଗାଁ,୨୨।୪(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୋଟର ସଚେତନତା ରଥ ସୋମବାର ଉଦଘାଟିତ ହୋଇଯାଇଛି। ଏହି ସଚେତନତା ରଥ ବ୍ଲକର ୧୨ଟି ପଞ୍ଚାୟତର ୫୫ଟି ବୁଥ୍ ଅଞ୍ଚଳରେ ୨ ଦିନରେ ବୁଲି ସଚେତନ କରିବ। ଏଥିରେ ବିଡିଓ ଶରତ ମାଝି, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ. ଡି ପ୍ରସାଦ ଓ ପର୍ଶୁରାମ ମାଳୀ, ପେସା ସଂଯୋଜକ ଶୁଭଶ୍ରୀ ମହାଙ୍କୁଡ଼ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

■ ନାମାଙ୍କନପତ୍ର ଦାଖଲର ପଞ୍ଚମ ଦିନ

## ପ୍ରାର୍ଥିପତ୍ର ଦାଖଲକଲେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଆପଲାସ୍ୱାମୀ

**ରାୟଗଡ଼ା/ଗୁଣୁପୁର, ୨୨।୪(ସମିସ):**



ଓଡ଼ିଶା ବିଧାନସଭା ଓ ଲୋକସଭା ସାଧାରଣ ନିର୍ବାଚନ ନିମନ୍ତେ ନାମାଙ୍କନପତ୍ର ଦାଖଲର ଚତୁର୍ଥ ଦିନରେ ରାୟଗଡ଼ା ଜିଲ୍ଲାର ଗୁଣୁପୁର ଓ ରାୟଗଡ଼ା ବିଧାନସଭା ଆସନ ପାଇଁ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ସୋମବାର ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ରାୟଗଡ଼ା ବିଧାନସଭା ଆସନ କଂଗ୍ରେସ ବିଧାୟକ ପ୍ରାର୍ଥୀ କାଡ୍ରକା ଆପଲାସ୍ୱାମୀ ନିଜ ପ୍ରସ୍ତାବକ ଆଇ.ହରିଶ ପଟ୍ଟନାୟକଙ୍କ ସହ ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ନିକଟରେ ନିଜ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ସମୟରେ କଂଗ୍ରେସର କୋରାପୁଟ ସଂସଦୀୟ କ୍ଷେତ୍ର ଏଆଇସିସି ପର୍ଯ୍ୟବେକ୍ଷକ ରବୀନ୍ଦ୍ର ଡାଲଭି, ଜିଲ୍ଲା କଂଗ୍ରେସର ମୁଖପାତ୍ର ଶଙ୍କର୍ଷଣ ମଙ୍ଗରାଜ, ଆଇନଜୀବୀ ମନୋଜ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ପୂର୍ତ୍ତ ବଙ୍ଗଳାଠାରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶତାଧିକ କଂଗ୍ରେସ ନେତୃବୃନ୍ଦ, କର୍ମୀ ଓ ସମର୍ଥକ ଗହଣରେ ଶୋଭାଯାତ୍ରାରେ ପହଞ୍ଚିଥିଲେ। ସେହିପରି ନବଭାରତ ନିର୍ମାଣ ସେବା ପାର୍ଟିର ପ୍ରାର୍ଥିନୀ ସିନାଲୁ କଣ୍ଡାଗରି ନିଜ ପ୍ରାର୍ଥିପତ୍ର ରିଟର୍ଣ୍ଣିଂ ଅଧିକାରୀଙ୍କଠାରେ ଦାଖଲ କରିଥିବା ବେଳେ ବିଜେଡି ବିଧାୟକ ପ୍ରାର୍ଥୀ ଅନସୂୟା ମାଝି ଅପରାହ୍ନରେ ରିଟର୍ଣ୍ଣିଂ ଅଧିକାରୀଙ୍କଠାରୁ ନାମାଙ୍କନପତ୍ର ନେଇଥିବା ଜଣାପଡ଼ିଛି। ମଙ୍ଗଳବାର ବିରାଟ ଶୋଭାଯାତ୍ରାରେ କର୍ମୀ ଓ ସମର୍ଥକଙ୍କ ଗହଣରେ ନିଜର ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି। ତେବେ ବିଷମକଟକ ବିଧାନସଭା ଆସନ ନିମନ୍ତେ କେହି ବି ପ୍ରାର୍ଥୀ ନିଜ ନାମାଙ୍କନପତ୍ର ଦାଖଲ କରି ନ ଥିବା ବେଳେ ଗୁଣୁପୁର ବିଧାନସଭା ଆସନରେ ସିପିଆଇ (ଏମଏଲ) ଦଳ ପକ୍ଷରୁ ପ୍ରାର୍ଥୀ ଅନାସିମ ଶବର ଓ ପ୍ରାର୍ଥିନୀ ପଦ୍ମିନୀ ଗମାଙ୍ଗ ନିଜର ନାମାଙ୍କନପତ୍ର ଗୁଣୁପୁର ରିଟର୍ଣ୍ଣିଂ ଅଧିକାରୀଙ୍କ ଠାରେ ଦାଖଲ କରିଛନ୍ତି। ରାଜ୍ୟ କମିଟି ସଭ୍ୟ ମହେନ୍ଦ୍ର ପରିଡ଼ାଙ୍କ ସହ ଦଳୀୟ ନେତା ତିରୁପତି ଗମାଙ୍ଗ, ସତ୍ୟମନୁ ପ୍ରଧାନ, ବୃନ୍ଦାବନ ବିଡିକା, ମିନ ଶବର, ରାଇନା ଶବର, କୈଳାସ ଶବର, ଅଗୟ ଶବର, ଜମେସ ଶବର ସହଯୋଗ କରିଥିଲେ।

